

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୨୭ ଭୁବନେଶ୍ୱର ରବିବାର, ଜାନୁୟାରୀ ୧୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.127 Bhubaneswar, Sunday, January 19, 2025


# ଗାଡ଼ିର ବୀମା ନଥିଲେ ଧରିବ ଟୋଲ୍‌ଗେଟ୍

## ଫେବୃଆରୀ ପହିଲାରୁ ସାରା ରାଜ୍ୟରେ ନିୟମ ଲାଗୁ




ଭୁବନେଶ୍ୱର/କଟକ,୧୮/୧: ମୋଟର ଯାନରେ ବୀମା ନ ଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲଗେଟ । ଇ-ଡିଟେକ୍ସନ ପ୍ରକ୍ରିୟାରେ ଜାରିହେବ ଇ-ଚାଲାଣ ଆସନ୍ତା ଫେବୃଆରୀ ପହିଲାରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲଗେଟରେ ଏହା କାର୍ଯ୍ୟକାରୀ ହେବ । ମୋଟର ଯାନ ଆଇନ ଅନୁଯାୟୀ ବୈଧ ବୀମା ନଥାଇ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଏହାର ଉଲ୍ଲଙ୍ଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି ଓ ସେହିଭଳି ପୁନର୍ବାର ନିୟମ ଉଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ଅଛି । ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି । ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଉଦ ?ବେଗ ପ୍ରକାଶ ପାଇଛି । ଏହାକୁ ଦୃଷ୍ଟିରେ ରଖି ନିୟମ ଉଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଇ- ଡିଟେକ୍ସନରେ ପରମିଟ, ଫିଟନେସ, ଟିକସ ନିୟମ ଉଲଂଘନକାରୀଙ୍କୁ ଟୋଲଗେଟରେ ଚିହ୍ନଟ କରାଯାଉଥିଲା । ଏବେ ବୀମା ନିୟମ ଉଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ । ଏନଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି । ତେଣୁ ଗାଡ଼ିର ବୀମା ନ ଥିଲେ ତୁରନ୍ତ ବୀମା କରାଇ ନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

## ୫ ଦିନ ପାଇଁ ଶୀତରେ ଥରିବ ଟୁଇନ୍ ସିଟି





ଭୁବନେଶ୍ୱର,୧୮/୧: ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଟୁଇନ୍ ସିଟି କଟକ ଏବଂ ଭୁବନେଶ୍ୱରର ରାତିର ସର୍ବନିମ୍ନ ତାପମାତ୍ରା ୧୧ ରୁ ୧୩ ଡିଗ୍ରି ସେଲସିୟସ ମଧ୍ୟରେ ରହିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରମୁଖ ସହର ଭୁବନେଶ୍ୱର ଏବଂ କଟକର ରାତିର ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୧୨.୩ ଡିଗ୍ରି ଏବଂ ୧୨.୪ ଡିଗ୍ରିକୁ ଖସି ଆସିଛି। ଆସନ୍ତା କିଛି ଦିନ ଧରି ଏଭଳି ସ୍ଥିତି ଦୁଇ ସହରରେ ଜାରି ରହିବ ବୋଲି ଆଶା କରାଯାଉଛି। କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୬ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀ ଏବଂ ଡାରିଙ୍ଗବାଡିର ରାତିର ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୮.୫ ଡିଗ୍ରି ସେଲସିୟସ୍ ଏବଂ ୯ ଡିଗ୍ରି ସେଲସିୟସ୍ ରହିଛି। କୋରାପୁଟରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଶନିବାର ସକାଳେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନତା ୫୦ ମିଟରରୁ କମ୍ ରହିଥିବା ଜଣାପଡ଼ିଛି। ସେହିପରି ଫୁଲବାଣୀରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଅପରପକ୍ଷରେ ରାଉରକେଲା ଏବଂ ଭବାନୀପାଟଣାରେ ମଧ୍ୟମ କୁହୁଡି ଦୃଶ୍ୟମାନ ହୋଇଛି। ହୀରାକୁଦ ଏବଂ ଗୋପାଳପୁର ସାଧାରଣ କୁହୁଡ଼ି ଦେଖିବାକୁ ମିଳିଛି। କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ ଏବଂ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡ଼ି ଅନୁଭୁତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜାନୁୟାରି ୨୦ ସକାଳ ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ନୟାଗଡ଼, କେନ୍ଦୁଝର ଏବଂ ଝାରସୁଗୁଡାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ୯୩୩ ଏସଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶିତ

ଭୁବନେଶ୍ୱର,୧୮/୧: ଓଡିଶା ପୋଲିସର ୯୩୩ ଏସଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ଏନେଇ ଓଡିଶା ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ବିଜ୍ଞାପନ ଜାରି ରହିଛି । ୬୦୯ ସବ ଇନସ୍ପେକ୍ଟର ପଦବୀ ପାଇଁ ଆବେଦନ ଆସିଥିବା ବେଳେ ୨୫୩ ସବ ଇନସପେକ୍ଟର ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ୪୭ଟି ଷ୍ଟେସନ ଅଫିସର ପାଇଁ , ୨୪ ଟି ଆସିଷ୍ଟାଣ୍ଟ ଜେଲର ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି ।

## ଜାନୁଆରି ୩୧ରୁ ସଂସଦର ବଜେଟ୍ ଅଧିବେଶନ



ନୂଆଦିଲ୍ଲୀ ,୧୮/୧: ସଂସଦର ବଜେଟ୍ ଅଧିବେଶନ ଜାନୁଆରି ୩୧ରୁ ଆରମ୍ଭ ହେବ। ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ହେବ ଏବଂ ଫେବ୍ରୁଆରି ପହିଲାରେ ବଜେଟ୍ ଉପସ୍ଥାପନ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରି ୩୧ରୁ ଫେବ୍ରୁଆରି ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ। ପ୍ରତିଥର ଭଳି ଏଥର ମଧ୍ୟ ଅର୍ଥମନ୍ତ୍ରୀ ଫେବ୍ରୁଆରି ପହିଲାରେ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ସଂସଦର ଉଭୟ ଗୃହର ମିଳିତ ଅଧିବେଶନ ପରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ଦିଲ୍ଲୀ ନିର୍ବାଚନ ଦିନ ସଂସଦର କୌଣସି କାର୍ଯ୍ୟକଳାପ ହେବ ନାହିଁ। ଫେବ୍ରୁଆରି ୩ ତାରିଖରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହେବ।

## ଯାନ ବାହନ ତୁଳନାରେ ବଢୁନି ରାସ୍ତା



ଭୁବନେଶ୍ୱର,୧୮/୧: ଭୁବନେଶ୍ୱରରେ ଥିବା ଦୁଇଟି ଆରଟିଓ ଦପ୍ତରରେ ଏବେ ବର୍ଷକୁ ହାରାହାରି ୭୫ହଜାରରୁ ଅଧିକ ଯାନ ପଞ୍ଜିକରଣ ହେଉଛି । ଏହାର ସିଂହଭାଗ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଗଡୁଛି । ସର୍ବାଧିକ ପଞ୍ଜିକରଣ ହେଉଥିବା ଦୁଇଚକିଆ ଯାନ ରାଜଧାନୀରେ ଚଳ ପ୍ରଚଳ କରୁଥିବାବେଳେ ଏବେ ସହରରେ ସରକାରୀ ବସ୍‌ର ଚଳାଚଳ ସଂଖ୍ୟା ବି ବଢ଼ିଛି । ହେଲେ ସେହି ଅନୁପାତରେ ସହରର ପ୍ରମୁଖ ସଡକଗୁଡିକ ଆଉ ସମ୍ପ୍ରସାରିତ ହେଉନାହିଁ । ଓଲଟା ଅନେକ ସ୍ଥାନରେ ସୌନ୍ଦର୍ଯ୍ୟକରଣ ନାମରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସଡକକୁ ସଙ୍କୁଚିତ କରିବାରେ ଲାଗିଛନ୍ତି । ସହରର ପ୍ରମୁଖ ସଡକ ଜନପଥର ସମ୍ପ୍ରସାରଣ ଦୀର୍ଘଦିନ ହେଲା ହୋଇନାହିଁ । ଏଥିପାଇଁ ଆଉ ସ୍ଥାନ ମଧ୍ୟ ନାହିଁ । ଯେତିକି ସମ୍ପ୍ରସାରଣ କାର୍ଯ୍ୟ ହୋଇଥିଲା ସ୍ମାର୍ଟସିଟି ସୌନ୍ଦର୍ଯ୍ୟକରଣ ନାଁରେ ଟାଇଲ୍ ବିଛାଇ ସଡକକୁ ସଙ୍କୁଚିତ କରାଗଲା । ଏହି ସୌନ୍ଦର୍ଯ୍ୟକରଣ ସ୍ଥାନ ଏବେ ବିଏମ୍‌ସିର ରୋଜଗାରିଆ ଅଞ୍ଚଳ ପାଲଟିଛି । ସେହିଭଳି ଏଜି ଛକରୁ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ଲମ୍ବିଥିବା ସଚିବାଳୟ ମାର୍ଗର ଅବସ୍ଥା । ଏହି ସଡକ ଉପରେ ଯାନ ସଂଖ୍ୟା ବହୁଗୁଣିତ ହେଉଥିବାବେଳେ ଏହାର ସମ୍ପ୍ରସାରଣ ପାଇଁ ଆଉ ସୁଯୋଗ ନାହିଁ । ରାଜଭବନରୁ ଆଚାର୍ଯ୍ୟବିହାର, କଳ୍ପନାରୁ ଏଜିଛକ, ବିମାନବନ୍ଦରରୁ ଏଜି ଛକ, ସିପିଆରପି ଛକରୁ ପାୱାରହାଉସ୍ ଛକ ଆଦି ଅଞ୍ଚଳରେ ସଡକ ସମ୍ପ୍ରସାରଣ କାର୍ଯ୍ୟ ଦିର୍ଘଦିନ ହେଲା ହୋଇନାହିଁ । ଏହିସବୁ ରାସ୍ତାର ଦୁଇପଟେ ମଜବୁତ୍ ଡ୍ରେନ ନିର୍ମାଣ ସରିଥିବାରୁ ଓ ସ୍ଥାନାଭାବ ଯୋଗୁଁ ଏହିସବୁ ସଡକ ସମ୍ପ୍ରସାରିତ ହେବାର ବି ସୁଯୋଗ ନାହିଁ । ସ୍ମାର୍ଟସିଟି ଭୁବନେଶ୍ୱର ରାଜମହଲ ଓଭରବ୍ରିଜ ଓ ଶହୀଦନଗର ନିକଟରେ ଥିବା ଓଭରବ୍ରିଜକୁ ବାଦ୍ ଦେଲେ ଅନ୍ୟ ଓଭରବ୍ରିଜ ଗୁଡିକ ରେଳପଥ ଓ ରାଜପଥ ଉପରେ ରହିଛି । ଭିଡ ନିୟନ୍ତ୍ରଣ ପାଇଁ ନିର୍ମାଣ ହୋଇଥିବା ରାଜମହଲ ଓଭରବ୍ରିଜର ନକ୍ସା ବଦଳି ଥିବାବେଳେ ଶହୀନନଗରରୁ ରସୁଲଗଡ ପର୍ଯ୍ୟନ୍ତ ଲମ୍ବିଥିବା ଓଭରବ୍ରିଜଟିରେ ଦୁଇ ପଟରୁ ଯାନ ଚଳାଚଳର ସୁବିଧା ନଥିବାରୁ ଏହା ଏକ ପ୍ରକାର ଦୁର୍ଘଟଣାପ୍ରବଣ ଓଭରବ୍ରିଜ ପାଲଟିଛି । ସହର ମଧ୍ୟଦେଇ ଯାଇଥିବା ରାଜପଥ ଉପରେ ଖଣ୍ଡଗିରି ଠାରୁ ରସୁଲଗଡ ପର୍ଯ୍ୟନ୍ତ ଓଭରବ୍ରିଜ ଥିବାରୁ କୌଣସି ପ୍ରକାରେ ଏଠାରେ ଯାନବାହାନ ଭିଡକୁ ରୋକାଯାଇ ପାରୁଛି । ତେବେ ଯଦି କୌଣସି ସମୟରେ ଏହି ଓଭରବ୍ରିଜ ଉପରେ ଦୁର୍ଘଟଣା ଘଟୁଛି କିମ୍ବା ଭାରିଯାନ ଅଚଳ ହେଉଛି ତେବେ ଯାନବାହାନଗୁଡିକ ଘଣ୍ଟା ଘଣ୍ଟା ଧରି ଅଟକି ଯାଉଛି । ବଢି ଚାଲିଥିବା ଯାନବାହାନ ନିୟନ୍ତ୍ରଣ ପାଇଁ ଓଭରବ୍ରିଜ୍ ନିର୍ମାଣ ଅତି ଜରୁରୀ ହୋଇଥିବାବେଳେ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ନିର୍ମାଣ ଶୀତଳଭଣ୍ଡାରରେ ରହିଯାଇଛି । ଗାଡିମୋଟର ଯେଉଁ ହାରରେ ବୃଦ୍ଧି ପାଉଛି ତୁରନ୍ତ ଓଭରବ୍ରିଜ ନିର୍ମାଣ ସହିତ ସୌନ୍ଦର୍ଯ୍ୟକରଣ ନାଁରେ ରାସ୍ତା ସଙ୍କୋଚନକୁ ହଟାନଗଲେ ପାର୍ବଣ ଋତୁର ଦୂରରକଥା ସାଧାରଣ ସମୟରେ ବି ଟ୍ରାଫିକ ନିୟନ୍ତ୍ରଣ କାଠିକରପାଠ ହୋଇପଡିବ ।

## ସାରା ଦେଶରେ ଓଡ଼ିଶାର ଗ୍ରାମୀଣ ବଜାର ସବୁଠୁ ମହଙ୍ଗା

ଭୁବନେଶ୍ୱର,୧୮/୧: ଡ଼ବଲ ଇଞ୍ଜିନ୍, ଡ଼ବଲ ଖୁସି। ନିର୍ବାଚନ ପୂର୍ବରୁ ବିଜେପି ଏପରି ସ୍ଲୋଗାନ ଦେଇ ଓଡ଼ିଶାରେ ସରକାର ଗଢ଼ିଥିଲା। ମାତ୍ର ଛଅଟା ମାସ ଯାଇ ନାହିଁ, ମହଙ୍ଗା ମାଡ଼ରେ ରାଜ୍ୟର ଖାଉଟିଙ୍କ ଅବସ୍ଥା ସାଂଘାତିକ ହେଲାଣି। ଅଟା, ଚାଉଳ, ଡ଼ାଲି, ତେଲ ମୂଲ୍ୟ ୨୦%ରୁ ୨୫% ବୃଦ୍ଧି ପାଇଥିବାବେଳେ ଆଳୁ ଓ ପିଆଜ ମୂଲ୍ୟ ଦୁଇଗୁଣରେ ପହଞ୍ଚିଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ସାରା ଦେଶର ଗ୍ରାମୀଣ ବଜାର ମଧ୍ୟରେ ଓଡ଼ିଶାର ଗ୍ରାମୀଣ ବଜାର ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଛି । ଡିସେମ୍ବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୪ ମାସ ମଧ୍ୟରେ ୫.୨୨%କୁ ହ୍ରାସ ପାଇଛି। ତେବେ ଏହି ରିପୋଟ ପ୍ରକାଶ ପାଇବାର ଦିନକ ପରେ ଖାଉଟିଙ୍କୁ ଲାଗିଛି ଜବରଦସ୍ତ ଝଟ୍‌କା। ଖୁଚୁରା ମୁଦ୍ରାସ୍ଫୀତି କମିଥିବାବେଳେ ଡ଼ିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ନଭେମ୍ବର ମାସଠାରୁ ଢ଼େର ଅଧିକ ରହିଛି। ଆଳୁ,ପିଆଜ, ଫଳ ଏବଂ ମାଂସ ମୂଲ୍ୟରେ ବୃଦ୍ଧି ଯୋଗୁ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା କୁହାଯାଉଛି। ଉକ୍ତ ମୂଲ୍ୟବୃଦ୍ଧି କ୍ଷେତ୍ରରେ ଦେଶର ଶୀର୍ଷ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ବିଡ଼ମ୍ବନା ହେଉଛି ଜାତୀୟ ମୁଦ୍ରାସ୍ଫୀତି ହାର ୫.୨% ଥିବାବେଳେ ଓଡ଼ିଶାରେ ଏହା ୭%ରେ ପହଞ୍ଚିଛି। ପରିଣତି ସ୍ୱରୂପ ଗ୍ରାମାଞ୍ଚଳରେ ଦରବୃଦ୍ଧି କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ରାଜ୍ୟ ପାଲଟିଛି। ସହରାଞ୍ଚଳରେ ସ୍ଥିତି ନିୟନ୍ତ୍ରଣରେ ଥିଲେ ବି ଓଡ଼ିଶାର ହାର ଜାତୀୟ ହାରଠାରୁ ଅଧିକ ରହିଛି। ଦେଶର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ୫.୭୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୭.୭୯ ପ୍ରତିଶତରେ ପହଞ୍ଚିଛି। ସହରାଞ୍ଚଳରେ ଜାତୀୟ ହାର ୪.୫୮ ଥିବା ବେଳେ ଓଡ଼ିଶାରେ ମୁଦ୍ରାସ୍ଫୀତି ୪.୭୫ ପ୍ରତିଶତ ରହିଛି। ଏଭଳି ସ୍ଥିତିରେ ପାଇକାରୀ ମୁଦ୍ରାସ୍ଫୀତି ଯେଉଁଭଳି ଭାବେ ବଢ଼ିଛି ସେଥିରେ ଆଗକୁ ଖୁଚୁର ମୁଦ୍ରାସ୍ଫୀତିରେ ମଧ୍ୟ ବୃଦ୍ଧି ଘଟିବ। ଦରଦାମ ବୃଦ୍ଧି କ୍ଷେତ୍ରରେ ଦେଶର ଶ୍ରେଷ୍ଠ ମହଙ୍ଗା ରାଜ୍ୟ ମଧ୍ୟରେ ଓଡ଼ିଶା ୩ୟ ସ୍ଥାନରେ ରହିଛି। ଓଡ଼ିଶା ଉପରେ ଦୁଇ ରାଜ୍ୟରେ ମଧ୍ୟ ଡ଼ବଲ ଇଞ୍ଜିନ୍ ସରକାର ରହିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଆନ୍ତର୍ଜାତୀୟ ସମସ୍ୟା ଦେଶ ପାଇଁ ବିପଦ ଆଣିବାକୁ ଯାଉଛି, ଯାହା ଓଡ଼ିଶା ଉପରେ ମଧ୍ୟ ସମାନ ପ୍ରଭାବ ପକାଇବା ଆଶଙ୍କା ରହିଛି। ଆମେରିକା ଲାଗୁ କରିଥିବା ଅଶୋଧିତ ତୈଳ କଟକଣା ଭାରତରେ ଇନ୍ଧନ ମୂଲ୍ୟ ବଢ଼ାଇବାର ଆଶଙ୍କା ଥିବାରୁ ବଜାର ଆହୁରି ମହଙ୍ଗା ହେବ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି। ୧୨ ମାସ ତଳେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୦.୮୬ ପ୍ରତିଶତ ରହିଥିଲା। ମାତ୍ର ବିନିର୍ମାଣ କ୍ଷେତ୍ରର ସାମଗ୍ରୀର ମୂଲ୍ୟରେ ବୃଦ୍ଧି ଯୋଗୁ ବର୍ଷକ ମଧ୍ୟରେ ପାଇକାରୀ ମୁଦ୍ରାସ୍ଫୀତି ୨% ବୃଦ୍ଧି ପାଇଛି। ଅନୁରୂପ ଭାବରେ ଆଗାମୀ ଦିନରେ ଜଟିଳ ଆନ୍ତର୍ଜାତୀୟ ସ୍ଥିତି ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଓଡ଼ିଶାର ମହଙ୍ଗା ବଜାର ଆଗାମୀ ଦିନରେ ଆହୁରି ମହଙ୍ଗା ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

# ନୂଆ ମୋଡ଼ ନେଲା ନବ ଦାସ ହତ୍ୟା ମାମଲା

ଝାରସୁଗୁଡ଼ା,୧୮/୧: ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେଡି ନେତା ନବ ଦାସଙ୍କୁ ଏକାଧିକ ବନ୍ଧୁକରୁ ଗୁଳି ମାଡ଼ ହୋଇଥିଲା ନିଯୁକ୍ତ ହୋଇଥିବା ତଥା ସେମାନଙ୍କ ବନ୍ଧୁକରୁ ବାହାରିଥିବା ଗୁଳିରେ ନବ ଦାସଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା ଗୁଳି ରହୁଥିବା ଏକ ମାଗାଜିନ୍(ଯେଉଁଥିରେ ଗୁଳି ଷ୍ଟକ୍ ହୋଇ ରୁହେ), ୩ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା

**ଏକାଧିକ ବନ୍ଧୁକରୁ ହୋଇଥିଲା ଗୁଳିମାଡ଼**

**ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟରୁ ସ୍ପଷ୍ଟ**

**ପଛରେ ଥିବା ଇନୋଭା କାର୍‌ରେ ୫ଟି ଗୁଳିମାଡ଼ କଣା ଥିଲା**

ବୋଲି ରାଜ୍ୟ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଘଟଣା ସମୟରେ କେବଳ ଗୋପାଳ ଦାସର ବନ୍ଧୁକରୁ ନୁହେଁ ବରଂ ଏକାଧିକ ବନ୍ଧୁକରୁ ଗୁଳିମାଡ଼ ହୋଇଥିବା କଥା ସ୍ପଷ୍ଟ ହୋଇଛି। ତେଣୁ ନବ ଦାସଙ୍କୁ ପ୍ରକୃତରେ ଗୋପାଳ ମାରିଛି ନା ଘଟଣାସ୍ଥଳରେ ଗୋପାଳକୁ ମୋହରା କରି ଆଉ କିଏ ଗୁଳି କରିଥିଲା? ଏଭଳି ପ୍ରଶ୍ନ ଏବେ ଆଲୋଡ଼ନ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଭିଯୁକ୍ତ ଗୋପାଳଙ୍କ ମାମଲା ପରିଚାଳନା କରୁଥିବା ଆଇନଜୀବୀ ନରେଶ ନାୟକଙ୍କୁ ପଚାରିବାରେ, ଘଟଣାସ୍ଥଳରେ ସ୍ନାଇପର୍ କରାଯାଉଛି ବୋଲି କହିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍,ଏସ୍‌ଏଫ୍‌ଏସ୍‌ଏଲ୍ ଓ ବାଲାଷ୍ଟିକ୍ ରିପୋର୍ଟ ଅନୁସାରେ ୨୦୨୩ ଜାନୁଆରି ୨୯ ତାରିଖରେ ନବ ଦାସଙ୍କର ୨ଟି ଗାଡ଼ି ବ୍ରଜରାଜନଗର ଗାନ୍ଧୀ ଛକକୁ ଯାଇଥିଲା। ପ୍ରଥମ ଗାଡ଼ି(ଓଡି ୧୫ ୟୁ ୬୧୯୭)ରେ ଖୋଦ୍ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ବସିଥିବା ବେଳେ ଦ୍ୱିତୀୟ ଗାଡ଼ି(ଓଡି ୧୫ ଟି ୦୧୮୩)ରେ ତାଙ୍କର ସହଯୋଗୀମାନେ ବସିଥିଲେ। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଫାଇନାଲ୍ ଫର୍ମରେ ଗୋପାଳ ଦାସ ନିକଟରୁ ୧୮ଟି ଦର୍ଶାଯାଇଥିଲା। ଘଟଣାସ୍ଥଳରୁ ଏକ ଖୋକା ଓ ଏକ ଅବ୍ୟବହୃତ ଅକାମୀ ଗୁଳି ଜବତ କରାଯାଇଥିଲା ବୋଲି ଲେଖାଯାଇଛି। ଏହାସହିତ ଗୋଟିଏ ଗୁଳି ସେ ଶୂନ୍ୟରେ ଫୁଟାଇଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି ।ଅର୍ଥାତ୍ ଗୋପାଳ ବନ୍ଧୁକରେ ଥିବା ୬ଟି ଗୁଳିରୁ ୩ଟି ଅବ୍ୟବହୃତ ଅବସ୍ଥାରେ ଜବତ ହୋଇଥିବା ବେଳେ ବଳକା ୩ଟିରୁ ଗୋଟିଏ ନବ ଦାସଙ୍କ ଛାତିରେ, ଗୋଟିଏ ଅକାମୀ ଓ ଗୋଟିଏ ଶୂନ୍ୟକୁ ମରାଯାଇଥିଲା। କିନ୍ତୁ ଏସ୍‌ଏଫ୍‌ଏସ୍‌ଏଲ୍‌ର ରିପୋର୍ଟରେ ଭିନ୍ନ କଥା ବର୍ଣ୍ଣନା କରାଯାଇଛି। ଦ୍ୱିତୀୟ ଗାଡ଼ି ଯାହା ଏକ ଧଳା ରଙ୍ଗର ଇନୋଭା କାର





ଥିଲା; ଏହାର ସମ୍ମୁଖ ପାର୍ଶ୍ୱରେ 'ଓଡ଼ିଶା ସରକାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ' ବୋଲି ଉଲ୍ଲେଖ ରହିଥିଲା। ୨୦୨୩ ଫେବ୍ରୁଆରି ୨ ସକାଳ ୯ଟା ସମୟରେ ମାମଲାର ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ସମୟରେ ଏହି ଦ୍ୱିତୀୟ ଗାଡ଼ିରେ ୫ଟି (ଗନ୍ ସଟ୍ ହୋଲ୍) ଗୁଳି ଦ୍ୱାରା ହୋଇଥିବା କଣା ଦେଖିବାକୁ ମିଳିଥିଲା। କାର୍‌ର ବାମପାର୍ଶ୍ୱରେ ଏହି ୫ଟି ଯାକ ଗୁଳି ବାଜିଥିଲେ ହେଁ ଏହି ଗୁଳିଗୁଡ଼ିକ କୁଆଡ଼େ ଗଲା ଓ ଗୁଳିର ଖୋକା କାହିଁକି ଘଟଣାସ୍ଥଳରୁ ମିଳିଲାନି ସେ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ନିଜ ରିପୋର୍ଟରେ କୌଣସି ତଥ୍ୟ ପ୍ରଦାନ କରିନି। ଗୋପାଳ ଦାସର ବନ୍ଧୁକରେ ଥିବା ସମସ୍ତ ଗୁଳିର ହିସାବ ମିଳୁଥିଲେ ହେଁ କେବଳ ନବ ଦାସଙ୍କ ଛାତିରେ ବାଜିଥିବା ଗୁଳିର ହିସାବ ମିଳିପାରିନି। ସେପଟେ, ପଛ କାରରେ ଆଉ ୫ଟି ଗୁଳି ବାଜିଥିଲେ ହେଁ ଉକ୍ତ ଗୁଳିର ଖୋକା ମିଳିପାରିନି। ଏଭଳି ସ୍ଥିତିରେ ନବ ଦାସଙ୍କୁ କେଉଁ ବନ୍ଧୁକରୁ ଗୁଳି ବାଜିଛି ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ପଛ ଗାଡ଼ିଟି ସରକାରୀ ଥିବାବେଳେ ସେହି ଗାଡ଼ିରେ ନବ ଦାସ ଥିବା ଅନୁମାନ କରି ଗୁଳି ବର୍ଷା କରାଯାଇଥିଲା କି? କେତୋଟି ବନ୍ଧୁକ ପ୍ରକୃତରେ ବ୍ୟବହାର କରାଯାଇଥିଲା? ଘଟଣାସ୍ଥଳରେ ଏତେ ଗୁଳିମାଡ଼ ହେବା ପରେ କେହି କେମିତି କିଛି ଜାଣିପାରି ନ ଥିଲେ ଆଦି ଅନେକ ପ୍ରଶ୍ନ ଏବେ ବି ଅସମାହିତ ହୋଇ ରହିଛି। ସେପଟେ, ଘଟଣା ସମୟରେ ନବ ଦାସଙ୍କୁ ଆହତ ଅବସ୍ଥାରେ ଉଠାଇ କାର୍ ଭିତରକୁ ନେଇଥିବା ଦ୍ୱାରିକାନାଥ ପଣ୍ଡା ଓ ଶୁଭେନ୍ଦୁ ପଟ୍ଟନାୟକଙ୍କ ପୋଷାକ, ନବ ଦାସଙ୍କ ବେକରେ ପଡ଼ିଥିବା ଫୁଲ ମାଳ, ତାଙ୍କ ଚପଲକୁ କ୍ରାଇମ୍‌ବ୍ରାଞ୍ଚ ଜବତ କରିଥିଲା ବେଳେ ଘଟଣା ସମୟରେ ନବ ଦାସ ପିନ୍ଧିଥିବା ସାର୍ଟ, ବସିଥିବା କାର୍ ସିଟ୍‌ର ରକ୍ତଭିଜା ଟର୍‌କିସ୍ ସିଜର ଲିଷ୍ଟରେ ନଥିଲା। ନବ ଦାସଙ୍କ ହତ୍ୟାରେ ଏକାଧିକ ବନ୍ଧୁକ ବ୍ୟବହାର ହୋଇଥିବା ତଥ୍ୟ ପଦାକୁ ଆସିବା ପରେ ଚାଞ୍ଚଲ୍ୟକର ସ୍ଥିତି ସୃଷ୍ଟି ହୋଇଛି। ଗୋପାଳଙ୍କ ସହ ଆଉ କେଉଁମାନେ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିଲେ ? ହତ୍ୟା ପାଇଁ କିଏ ସୁପାରି ଦେଇଥିଲା ? ଏଭଳି ଅନେକ ପ୍ରଶ୍ନ ସମନାକୁ ଆସୁଛି।

# ଭାରତୀୟ ଜୀବନ ବୀମା ନିଗମର ବିଭାଗୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର : ଭାରତୀୟ ଜୀବନବୀମା ନିଗମର ବିଭାଗୀୟ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓସ୍କାର ସ୍ପୋର୍ଟିଂ କ୍ଲବ୍, ୟୁନିଟ ୮ ଠାରେ ଅନୁଷ୍ଠିତ ହୋଇଛି କ୍ଷ ଏହି ମ୍ୟାଚକୁ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ରୀଯୁକ୍ତ ମନୋରଞ୍ଜନ ଦାସ ଉଦଘାଟନ କରିଥିଲେ କ୍ଷ ସମୁଦାୟ ୬ଟି ବ୍ରାଞ୍ଚର କର୍ମଚାରୀ ଏହି ମ୍ୟାଚରେ ଭାଗ ନେଇଥିଲେ ଏବଂ ପରସ୍ପର ମଧ୍ୟରେ ୯ଟି ମ୍ୟାଚ ଖେଳିଥିଲେ କ୍ଷ ପ୍ରଥମ ମ୍ୟାଚ ବ୍ରାଞ୍ଚ ୱାନ୍ ଏବଂ ଡିଓ ୱାନ୍ ମଧ୍ୟରେ ହୋଇଥିଲା କ୍ଷ ବ୍ରାଞ୍ଚ ୱାନ୍ ଟିମ୍ ପ୍ରଥମ ମ୍ୟାଚ ଜିଣିଥିଲେ କ୍ଷ ରଶ୍ମିରଞ୍ଜନ ତ୍ରିପାଠୀ ମୋଟ ୬୪ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ ଦ ମ୍ୟାଚ ହୋଇଥିଲେ । ସମସ୍ତ ମ୍ୟାଚ ଶେଷରେ ବ୍ରାଞ୍ଚ ୱାନ୍ ଟିମ୍ ଚମ୍ପିୟାନ ଏବଂ ବ୍ରାଞ୍ଚ ଥ୍ରୀ ରନର୍ସ ଅପ୍ ହୋଇଥିଲେ । ଭୁବନେଶ୍ୱର ଡିଭିଜନ ସ୍ପୋର୍ଟ୍ସ କ୍ଲବ ର ସମ୍ପାଦକ ଶ୍ରୀଯୁକ୍ତ ବିଭୁଦତ୍ତ ସାମଲ, ସ୍ପୋର୍ଟ୍ସ ପ୍ରୋମସନାଲ ବୋର୍ଡ ମେମ୍ବର ଶ୍ରୀଯୁକ୍ତ ରମାକାନ୍ତ ଦାସ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ କ୍ଷ ସମସ୍ତ ଶାଖାର କର୍ମକର୍ତ୍ତାମାନେ ଖେଳ ପଡିଆରେ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏଭଳି ମ୍ୟାଚ ଆୟୋଜନ କରିବା ଦ୍ୱାରା ସମସ୍ତ ବ୍ରାଞ୍ଚର କର୍ମକର୍ତ୍ତାମାନଙ୍କ ସହିତ ଏକ ବନ୍ଧୁମିଳନ ହେବା ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ଏକ ବାର୍ତ୍ତା ବହନ କରୁଛି ।

# କାୟାକଳ୍ପ ବିଭାଗର ୫ଜଣିଆ ଟିମ୍ ପକ୍ଷରୁ ନିମାପଡ଼ା ଅଞ୍ଚଳର ସମସ୍ତ ମେଡିକାଲ ପରିଦର୍ଶନ ଅଭିଯାନ



ନିମାପଡା : ରାଜ୍ୟ କାୟାକଳ୍ପ ବିଭାଗର ୫ଜଣିଆ ଟିମ୍ ପକ୍ଷରୁ ଗତ ୮ତାରିଖରୁ ନିମାପଡ଼ା ଅଞ୍ଚଳର ସମସ୍ତ ମେଡିକାଲ ପରିଦର୍ଶନ ଅଭିଯାନ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍ତମ ରୋଗୀସେବା, ମେଡିକାଲ ପରିସରରେ ସ୍ୱଚ୍ଛତା, ସ୍ମାର୍ଟ ସର୍ଜରୀ, ଉନ୍ନତ ମେଡ଼ିସିନ ବିଭାଗ, ଶବ ବ୍ୟବଚ୍ଛେଦ ଗୃହ, ସଲ୍ୟ, ଶିଶୁ, ମହିଳା ବିଭାଗ ପ୍ରଭୃତି ତଦାରଖ କରାଯାଉଛି। ଏହି ଅବସରରେ ନିମାପଡ଼ା ବ୍ଲକ୍ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ରାଜ୍ୟ କାୟାକଳ୍ପ ଟିମ୍। ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତରମାନଙ୍କ ଦ୍ୱାରା ଉନ୍ନତ ମାନର ସେବା ଯୋଗାଇ ଦିଆଯାଉଥିବା ସହିତ ରୋଗୀଙ୍କ ପାଇଁ ଆବଶ୍ୟକୀୟ ସମସ୍ତପ୍ରକାର ସୁବିଧା ଏଠାରେ ଉପଲବ୍ଧ ଥିବା ଜାଣିବାକୁ ପାଇଥିଲେ ଟିମ୍। ମିଳିଥିବା ସୂଚନାନୁଯାୟୀ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ସର୍ବ ପୁରାତନ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ୫ ଜଣିଆ କାୟାକଳ୍ପ ଟିମ୍ ବୁଧବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀ ୱାର୍ଡ଼ ଠାରୁ ଆରମ୍ଭ କରି ସମସ୍ତବିଭାଗ ପରିଦର୍ଶନ କରିଥିଲେ। ପରିସରରେ ଥିବା ହର୍ବାଲ ଗାର୍ଡେନ୍ ବୁଲିବା ସହ ବିଭିନ୍ନ ଔଷଧୀୟ ବୃକ୍ଷକୁ ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିଷ୍କାର ପରିଚ୍ଛନ୍ନ ଦେଖିବା ସହ ରୋଗୀଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ସ୍ଥାନରେ ଖୋଦିତ ଚିତ୍ରକୁ ଦେଖି ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗାଇ ଦିଆଯାଉଥିବା ଉନ୍ନତମାନର ସେବାପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ଗତବର୍ଷ କାୟାକଳ୍ପ ମାନ୍ୟତା ପାଇସାରିଛି। ଟିମ୍ ପରିଦର୍ଶନ ସମୟରେ ଡିପିଏମ. ଟି.ନାରାୟଣ ରାଓ, ଡିଏଏମ. ବିଜୟ ନାୟକ, ଏଏମସିପି ଅଶୋକ କୁମାର ସାହୁ, ଡ଼ଃ ସରୋଜଲକ୍ଷ୍ମୀ ଦାସ, ଡ଼ଃ ମହେଶ ପ୍ରସାଦ ମହାପାତ୍ର, ଡ଼ଃ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ ଷ୍ଟାଫ ଶ୍ରୀ ନାରାୟଣ ନନ୍ଦ, ଆଶୁତୋଷ ମିଶ୍ର ଏବଂ ସମସ୍ତ ଆରକେଏସ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଧାନକ୍ରୟ ମଣ୍ଡି ଶୁଭ ଉଦ୍‌ଘାଟନ



କେନ୍ଦ୍ରାପଡ଼ା : ନିୟନ୍ତ୍ରିତ ବଜାର କମିଟି, ଜମଧର ମୁଖ୍ୟ ବଜାର ପ୍ରାଙ୍ଗଣରେ ଆଜି ଜିଲ୍ଲାସ୍ତରୀୟ ଧାନକ୍ରୟ ମଣ୍ଡି ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତ। ଦାସ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲାବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବା। ଶ ସାହୁ, ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, ବରିଷ୍ଠ ଇଜଉଝ ସନ୍ତୋଷ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ। ନିର୍ମଳ। ମହାନ୍ତି, ଜଗଉ ସମ୍ପାଦକ ସଚିଦାନନ୍ଦ ଜେନା, ଜିଲ୍ଲା ଯୋଗାଣ ବିଭାଗ ଓ ଜଗଉର ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ଚାଷୀମାନେ ଯୋଗଦେଇଥିଲେ । ସୂଚନା ଯୋଗ୍ୟ ଯେ ଜିଲ୍ଲାରେ ଆଜି ଠାରୁ ଆଗକୁ ସମସ୍ତ ୧୨୩ ଗୋଟି ମଣ୍ଡିରେ ଧାନ ମଣ୍ଡିରେ ଧାନ କ୍ରୟ ନିମନ୍ତେ ସ୍ଥିର ହୋଇଛି ।

# ବଣ୍ଡା ମହିଳାଙ୍କ କଥା ଭୁଲିଗଲେ ପ୍ରଶାସନ ଏବେ ବି ଶହଶହ ମହିଳା 'ସୁଭଦ୍ରା'ରୁ ବଞ୍ଚିତ

ମାଲକାନଗିରି : ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ତାଗିଦ୍ ପରେ ବି ମାଲକାନଗିରି ଜିଲ୍ଲା ବଣ୍ଡା ଘାଟିର ବହୁ ମହିଳା ଏବେ ବି 'ସୁଭଦ୍ରା' ଯୋଜନାରୁ ବଞ୍ଚିତ ଅଛନ୍ତି । ଆଧାର କାର୍ଡରେ ତ୍ରୁଟି, ମୋବାଇଲ୍ ସହ ଆଧାର ଲିଙ୍କ୍ ନ ହେବା ଆଦି କାରଣରୁ ସେମାନେ ଏଯାଏ ଯୋଜନାରେ ସାମିଲ ହୋଇପାରି ନାହାନ୍ତି । ସୂଚନାନୁଯାୟୀ, ବଣ୍ଡା ଘାଟିର ମହିଳା 'ସୁଭଦ୍ରା' ଯୋଜନାରେ ସାମିଲ ହୋଇନପାରିବା ନେଇ ବିଭିନ୍ନ ଖବର କାଗଜ ରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏକ ସ୍ୱତନ୍ତ୍ର ଟିମ୍ ବଣ୍ଡା ଘାଟିକୁ ଯାଇ ଘଟଣାର ସମାଧାନ ପାଇଁ ପଦକ୍ଷେପ ମଧ୍ୟ ନେଇଥିଲେ ଓ ପରେ ନିଜେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଣ୍ଡା ଘାଟି ଅଞ୍ଚଳ ଗସ୍ତ କରି ମହିଳାଙ୍କୁ 'ସୁଭଦ୍ରା'ରେ ସାମିଲ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିଛି ହିତାଧିକାରୀ ଏହି ଯୋଜନାର ସୁଫଳ ମଧ୍ୟ ପାଇଥିଲେ। କିନ୍ତୁ ଏବେ ପୁଣି ସେହି ପୂର୍ବ ସମସ୍ୟା ଦେଖାଦେଇଛି। ଅନେକ ମହିଳାଙ୍କ ଆଧାରରେ ତ୍ରୁଟି ରହି ଥିବାରୁ ସେମାନଙ୍କୁ ସାମିଲ କରାଯାଇପାରିନାହିଁ। ଖଇରପୁଟ ବ୍ଲକ ସଦରରେ ତମାମ ଆଧାର ଓ ମୋ ସେବା କେନ୍ଦ୍ର ବନ୍ଦ ପଡ଼ିଛି ଓ ଫଳରେ ଗତ ମାସେ ହେବ ଆଧାର ସଂଯୋଗୀକରଣ ହୋଇପାରୁ ନଥିବାରୁ ବଣ୍ଡା ମହିଳାମାନେ ଏହି ଯୋଜନାରେ ଆବେଦନ କରି ପାରୁନାହାନ୍ତି । ଏହାକୁ ନେଇ ସ୍ଥାନୀୟ ଜନ ପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଗୋବିନ୍ଦ ପାଲ୍ଗୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ସରକାରଙ୍କୁ ଏହି ଦିଗରେ ତ୍ୱରିତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଓ ସେହିପରି ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝି ମଧ୍ୟ ଘଟଣାକୁ ନେଇ ଦୁଃଖ ପ୍ରକାଶ କରି ପ୍ରଶାସନ ଓ ସରକାର ଏଥି ପାଇଁ ତତ୍ପର ହେବାକୁ ଦାବି କରିଛନ୍ତି।

# ଚୋରା ମଦ ବ୍ୟବସାୟ କଳା ପଲ୍‌ସରରେ ଆତଙ୍କରାଜ

ରଘୁନାଥପୁର : ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅରା ପଞ୍ଚାୟତ ଓ ରେଢୁଆ ପଞ୍ଚାୟତ ରେ ଚୋରା ମଦ ବ୍ୟବସାୟ କଳା ପ୍ଲସ ସର ରେ ଆତଙ୍କରାଜ ଖେଳୁଛି। ଏହି କଳା ପ୍ଲସ ସର ମଦ ବ୍ୟବସାୟ ମଦୁଆ ମାନେ ସକାଳୁ ଠାରୁ ରାତି ସାରା ଯେଉଁଠୁ ଫୋନ କଲ୍ ଆସିଲା ମାତ୍ରେ ସଙ୍ଗେ ସଙ୍ଗେ କଳା ପ୍ଲସ ସର ବିଭିନ୍ନ ଚୋରା ଦେଶୀ ବିଦେଶୀ ମଦ ପହଂଚି ଯାଉଛି। ରେଢୁଆ ପଞ୍ଚାୟତ ରେ ମଦ ପିଇବା ପାଇଁ ଗୁଆ , ଛତୁ , ଓ ବିଭିନ୍ନ ଜିନିଷ ପତ୍ର ଚୋରି ହେବାର ଅଭିଯୋଗ ହେଉଛି। ବିଗତ ଦିନରେ ତଅରା ପଞ୍ଚାୟତ ର ମହନ ପୁରୁ ଗ୍ରାମର ଜଣେ ଛତୁ ଚାଷୀ ବାରିରୁ ଛତୁ ଚୋରି କରୁଥିବା ସମୟରେ କ୍ୟାମେରା ରେ କଯେଦ ହୋଇଥିଲା । ଏବେ କିନ୍ତୁ ଚୋରମାନେ ରେଢୁଆ ଗ୍ରାମପଞ୍ଚାୟତ ର ହାଟ ଗ୍ରାମ ର ଦୁଇ ଘର ଛାତ ଉପରୁ ଆନୁମାନିକ ୧ କୁଇଟାଲ ରୁ ଉର୍ଦ୍ଧ ଗୁଆ ଚୋରି ହୋଇଛି। ରେଢୁଆ ହାଟରେ ଦିନ ରାତି ମଦ୍ୟପ ମାନେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ବୁଲୁଥିବା ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅପର ପକ୍ଷରେ ଅଧିକ ରାଜସ୍ୱ ଆଶାରେ ସରକାର ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନଙ୍କ ବେତନ ପାଇଁ ମାସିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏମାନେ କିନ୍ତୁ ସରକାର ଙ୍କ ରାଜସ୍ୱ ରୋକିବା ପରିବର୍ତ୍ତେ ଚୋରା ମଦ ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ରାଜସ୍ୱ ଲୁଟ୍ କରୁଥିବାର ଅଭିଯୋଗ ହେଉଛି। ତୁରନ୍ତ ଏହି ଅଞ୍ଚଳ ରେ ବିକ୍ରି ହେଉଥିବା ଚୋରା ମଦ କୁ ସରକାର ବନ୍ଦ କରିବାପାଇଁ ଅଞ୍ଚଳ ର ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି।

# ଅର୍ଡାବାହାଲ ହାଇସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ



କୁଚିଣ୍ଡା : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ (ଏସଏସଡି) ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ।ସେ କହିଥିଲେ ଯେ,ସରକାରଙ୍କ ଅନୁସୂଚୀତ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ବିଭିନ୍ନ ସୁବିଧା ସୁଯୋଗ ରହିଛି ।ପିଲାମାନେ ଭଲ ପାଠପଢି ଦେଶର ଟେକ ରଖିବାକୁ କହିଥିଲେ ।ଏହାଛଡା ଓଡିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ରାଷ୍ଟ୍ରପତି ଜଣେ ଜଣେ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି ।ତେଣୁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସାଙ୍ଗକୁ ବଣ ମଲ୍ଲୀ ନହୋଇ ବଗିଚାର ମଲ୍ଲୀ ହେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।କଲ୍ୟାଣ ବିଭାଗରୁ ଅବସର ଗ୍ରହଣ କରିଥିବା ଡିଆଇ ନୀଳମଣି ସାହୁ ମୁଖ୍ୟବକ୍ତା,ଅର୍ଡାବାହାଲ ଯୁକ୍ତଦୁଇ ବିଜ୍ଞାନ କଲେଜ (ଏସଏସଡି)ଅଧକ୍ଷ ରଞ୍ଜନ କୁମାର ନାୟକ,ଭୋଜପୁର ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଇରୀନା ମିଞ୍ଜ,କଲ୍ୟାଣ ଶିକ୍ଷକ ସଂଘର ସମ୍ବଲପୁର ଜିଲ୍ଲା ସଭାପତି ତଥା ବଡମୁଣ୍ଡାଲୋଇ ଏସଏସଡି ହାଇସ୍କୁଲ ଶିକ୍ଷକ ବୀରେନ୍ଦ୍ର ପଟେଲ,ବରିଷ୍ଠ ସାମ୍ବାଦିକ ବିରଞ୍ଚି ଦର୍ଶୀ, ଏମପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଅର୍ଡାବାହାଲର ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମ ରହିଛି ।ତେଣୁ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀ ଏବେଠାରୁ ନିଜ ଭବିଷ୍ୟତ ଗଠନ ପାଇଁ ଯତ୍ନବାନ ହେବାକୁ ବକ୍ତବ୍ୟରେ କହିଥିଲେ ।କ୍ଷଣପଥର ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ସଭାପରିଚାଳନା କରିଥିବା ବେଳେ ଅର୍ଡାବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ ।ଏହି ଅବସରରେ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ହାସଲ କରିଥିବା ଛାତ୍ରୀ ପାୟଲ ଠାକୁର,ଉଚ୍ଚ ବିଦ୍ୟାଳୟର ଉତ୍ତମ ସ୍ୱେଚ୍ଛାସେବୀ ରେଣୁକା କିଷାନଙ୍କ ସମେତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ବୀରେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ସୁଷମା ପାଣି,ଦୀପିକା ନାୟକ, କ୍ରୀଡା ଶିକ୍ଷକ ଚନ୍ଦନ ମାକର, ଅତିଥି ଶିକ୍ଷକ ଡିକାଶ ବିଜୟ ନାୟକ,ରଞ୍ଜନ ସାହୁ ସହଯୋଗ କରିଥିଲେ।

# ମାଳିସିରା ପେକ୍ସ ସମ୍ପାଦକଙ୍କ ମନମାନି କ୍ୟୁଣ୍ଟାଲ ପ୍ରତି ୫ କେଜି ଧାନ କଟନି ଅଭିଯୋଗ

ମୁରିବାହାଲ : ରାଜ୍ୟ ସରକାର ବିନା କଟନି ଛଟନିରେ ଚାଷୀଙ୍କ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ମାଳିସିରା ମଣ୍ଡିରେ ପେକ୍ସ ସମ୍ପାଦକ ପିତାମ୍ବର ବାଗ ମନଇଚ୍ଛା କ୍ୟୁଣ୍ଟାଲ ପ୍ରତି ୫କେଜି ଧାନ କଟନି କରୁଥିବା ଚାଷୀଙ୍କ ପେଟରେ ଗୋଇଠା ମାରିଲା ଭଳି ହୋଇଛି। ଶନିବାର ଦିନ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ସିଂ ସାଲୁଜା ବ୍ଲକର ଲେବଡା,ବାଙ୍କେଲ, ତେନ୍ତୁଳିଖୁଣ୍ଟି ଓ ମାଳିସିରା ମଣ୍ଡି ପରିଦର୍ଶନ କରିଥିଲେ। ମାଳିସିରା ମଣ୍ଡିରେ ସର୍ବାଧିକ ୫କେଜି କଟନି ହେଉଥିବା



ବେଳେ ଅନ୍ୟ ତିନୋଟି ମଣ୍ଡିରେ ୨ ରୁ ୩କେଜି କଟନି ହେଉଥିବା ଚାଷିମାନେ ତାଙ୍କୁ ଅଭିଯୋଗ କରିଥିବା ଶ୍ରୀ ସାଲୁଜା ପ୍ରକାଶ କରିଛନ୍ତି। ବାରମ୍ବାର ବିଭିନ୍ନ ଗଣମାଧ୍ୟମ ରେ ଧାନର କଟନି ଛଟନି କୁ ନେଇ ଖବର ପ୍ରସାରଣ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ପ୍ରଶାସନ ଚୁପ୍ ରହୁଥିବାରୁ ମିଲର୍ସ ସହିତ ଭିତିରି ବୁଝାମଣା ଥିବା ସନ୍ଦେହ ହେଉଛି। ତୁରନ୍ତ ଏହାର ସମାଧାନ ନ ହେଲେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଶ୍ରୀଯୁକ୍ତ ସାଲୁଜା ଚେତାବନୀ ଦେଇଛନ୍ତି। ପରିଦର୍ଶନ ସମୟରେ ପୂର୍ବତନ ସମିତିସଭ୍ୟ ଜିତେନ ହାତୀ,ପୂର୍ଣ୍ଣଚନ୍ଦ୍ର ପୁଟେଲ,ପାର୍ଥ ଭୋଇ, ବେଣୁ ପଶାୟତ ଉପସ୍ଥିତ ଥିଲେ।

# ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ ସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ



କରଞ୍ଜିଆ : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଗୋଲେଇ ଛକ ଠାରେ ବାଲେଶ୍ୱର ଜିଲ୍ଲା ସୋର ସ୍ଥିତ ଦୃଷ୍ଟିବାଧିତ ସଂଗଠନ ଓଁକାର ଭଜନ ଅମୃତ ସମର୍ପଣ ଦୃଷ୍ଟିହୀନ ପକ୍ଷରୁ ଏକ ଭଜନ ସଂଧ୍ୟା କାର୍ଯ୍ୟକ୍ରମ କରାଯାଇ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କ ଦ୍ୱାରା ଖୁବ ମନମୁଗ୍ଧକର ଭଜନ ଆଦି ପରିବେଷଣ କରାଯାଇଥିଲା ।ସଂସ୍ଥା ର ସହାୟତା ନିମନ୍ତେ ସହଯୋଗ ରାଶି ସଂଗ୍ରହ ଉଦେଶ୍ୟରେ ଦୃଷ୍ଟିବାଧିତ କଳାକାର ଙ୍କ ଭଜନ ପରିବେଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି । ତେବେ ବାଲେଶ୍ୱର ଜିଲ୍ଲା ସୋର ଠାରେ ଥିବା ଓଁକାର ସମର୍ପଣ ଆଶ୍ରମ ର ଦୃଷ୍ଟିବାଧିତ ଅନ୍ତେବାସୀ ଙ୍କ ପ୍ରତିଭା ର ପ୍ରଦର୍ଶନ ସହ କିଛି ସହଯୋଗ ରାଶିର ସଂଗ୍ରହ ଉଦେଶ୍ୟରେ ଆଶ୍ରମ ଅନ୍ତେବାସୀ କଳାକାର ଙ୍କ ଅନୁଷ୍ଠାନ ଓଁକାର ଦୃଷ୍ଟିହୀନ ଭଜନ ଅମୃତ ସମର୍ପଣ ଗ୍ରୁପ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଭଜନ ପରିବେଷଣ ସହିତ ଏହା ମାଧ୍ୟମ ରେ ପାଣ୍ଠି ସଂଗ୍ରହ ଉଦେଶ୍ୟରେ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି । ଆଜି ସଂଗଠନ ର କଳାକାର ମାନଙ୍କ ସୁନ୍ଦର ଭଜନ ପରିବେଷଣ କୁ ଦର୍ଶକ ଓ ଶ୍ରୋତା ମାନେ ବେଶ ପ୍ରଶଂସା କରୁଥିବା ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମ ରେ ଦୃଷ୍ଟିହୀନ କଳାକାର ମାନେ ସୁନ୍ଦର ବାଦ୍ୟ ବଜାଇବା ସହ ସୁମଧୁର ସଙ୍ଗୀତ ପରିବେଷଣ କରି ପ୍ରବଳ ଥଣ୍ଡା ସତ୍ତ୍ୱେ ଲୋକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ଦର୍ଶକ ମାନେ ଆନନ୍ଦ ସହକାରେ ଦାନପାତ୍ର ରେ ପାରୁପର୍ଯ୍ୟନ୍ତ ସହାୟତା ପ୍ରଦାନ କରିଥିଲେ।

# କୁଚିଣ୍ଡା ମହାବିଦ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ରେ ଜାତୀୟ ସେବା ଯୋଜନା, ଜାତୀୟ ସମର ବାହିନୀ, ଯୁବ ରେଡକ୍ରସ ର ମିଳିତ ଆନୁକୁଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ କୁଚିଣ୍ଡା ମହାବିଦ୍ୟାଳୟ ର ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ଯୋଗ ଦେଇ ସଡ଼କ ନିରାପତ୍ତା ସମ୍ପର୍କରେ ଆହ୍ୱାନ ଦେଇଥିଲେ । ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ଏକ ବିଶାଳ ସଚେତନତା ଶୋଭାଯାତ୍ରା ରେ ବାହାରି କୁଚିଣ୍ଡା ସହର ପରିକ୍ରମା କରିଥିଲେ । ଯୁକ୍ତ ତିନି ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ବେଲମତି କୁମୁରା, ଯୁବରେଡକ୍ରସ୍ ଅଧିକାରୀ ଭିକାରୀ ଓରାମ, ଦିବ୍ୟ ନାଗ, ଏନସିସି ଅଧିକାରୀ ରୋସନ କୁଲୁ , ଇଂରାଜୀ ବିଭାଗ ଅଧାପିକା ଜାଗୃତି ବାଗ ଙ୍କ ତତ୍ତ୍ୱାବଧାନରେ ଏହି ରାଲି କଲେଜ ପରିସରରୁ ବାହାରି ସାରା ସହର



ସଚେତନତ। ଉପରେ ପରିବେଶିତ ଶ୍ଳୋଗାନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରରେ କୁଚିଣ୍ଡା ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି, ଶୃଙ୍ଖଳା ରକ୍ଷା କରିଥିଲେ । ଅଧାପକ କିରଣ ମହାପାତ୍ର, ସୁଧାଂଶୁ ମହାପାତ୍ର, ମନୋଜ ଜେନା, କାହ୍ନୁ ଚରଣ ମୁନ୍ନା, ମହାଦେବ ମେହେର, ଅଧାପିକା ସଂଜୁଶ୍ରୀ ସାହୁ, ଯୁକ୍ତ ଦୁଇ ଜାତିୟ ସେବା ଯୋଜନା ଅଧିକାରିଣୀ ଖୁର୍ସିଦହାରା ବେଗମ୍, ମୁଖ୍ୟ କିରାଣୀ ମାନସ ନାୟକ ଉପସ୍ଥିତ ରହିଥିଲେ । ସ୍ୱେଚ୍ଛାସେବୀ ମଧ୍ୟରେ ସିଲୁ ସୁନାନୀ, ରାକ୍ଷୀ ଅର୍କ, ତନୁ ବେହେରା, ଧରଣୀ, ଅଞ୍ଜଳି ପ୍ରମୁଖ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସ ସମ୍ମୁଖରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଚେତାବନୀ ସମାବେଶ



କେନ୍ଦ୍ରାପଡା : ଆଜି ପଞ୍ଚଦଫା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଆଜି ରାଜ୍ୟ ବ୍ୟାପି ଚେତାବନୀ ସମାବେଶ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସ ସମ୍ମୁଖରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଭାଗଚାଷୀଙ୍କୁ କ୍ଷତିପୂରଣ, ରାଜ୍ୟବ୍ୟାପୀ ମଣ୍ଡି ଖୋଲିବା ଏବଂ ମୃତ କୃଷକ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ ଦାବିରେ ଆହୁତ ଏହି ବିକ୍ଷୋଭରେ କୁହାଯାଇଛି । ଡ଼ିସେମ୍ବର ଶେଷ ସପ୍ତାହରେ ୨୧ଟି ଜିଲ୍ଲାରେ ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲ କ୍ଷତି ହୋଇଛି । ଓଡ଼ିଶାରେ ମୁଖ୍ୟ ଫସଲ ଧାନ ଠିକ୍ ଅମଳ ହେବା ପୂର୍ବରୁ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ଯୋଗୁଁ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି । ସରକାର ଚାଷୀ ଏବଂ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ମାନଙ୍କ ଦୟାରେ କ୍ଷତି ଭରଣାହେବ ବୋଲି ବୟାନ ଦେଇ କଟା ଘା'ରେ ଚୂନ ଦେଇଛନ୍ତି । ଭାଗଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ସମ୍ଭବ ନୁହେଁ ବୋଲି ରାଜ୍ୟ ସରକାର ରୋକଠୋକ୍ ମନାକରିବା ଯୋଗୁଁ ଭାଗଚାଷୀମାନେ ଆହୁରି ହତାଶ ହୋଇପଡ଼ିଛନ୍ତି । ଏହି ଭୟଙ୍କର ହତାଶ ଭିତରୁ ଅଦ୍ୟାବଧି ଆମ ରାଜ୍ୟରେ ୧୪ଜଣ ଓ ଆମ ଜିଲ୍ଲାରେ ୩ଜଣ ଚାଷୀ ଏବଂ ଭାଗଚାଷୀ ଆତ୍ମହତ୍ୟା କିମ୍ବା ହୃଦଘାତରେ ମୃତ୍ୟୁବରଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟ ତମାମ ଆବଶ୍ୟକୀୟ ଧାନମଣ୍ଡି ନଖୋଲିବା ଯୋଗୁଁ ଚାଷୀ ଏବଂ ଭାଗଚାଷୀମାନେ ଅଭାବୀ ଦରରେ ଧାନ ବିକ୍ରୀ କରିବାକୁ ବାଧ ହେଉଛନ୍ତି । ଡ଼ବଲ ଇଞ୍ଜିନ ସରକାର ଚାଷୀଙ୍କ ଏହି ଦୁର୍ଦ୍ଦଶାକୁ ଲାଘବ କରିବାରେ ସଂପୂର୍ଣ ବିଫଳ ହୋଇଛନ୍ତି । ଧାନ ଫସଲ କ୍ଷତିପାଇଁ ଏକର ପ୍ରତି ସର୍ବନିମ୍ନ ୨୫,୦୦୦ ଟଙ୍କା, ପନିପରିବା ପାଇଁ ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ ପାଇଁ ଏକର ପ୍ରତି ସର୍ବନିମ୍ନ ୪୦'୦୦୦ ଟଙ୍କା କ୍ଷତିପୂରଣ ରାଶି ଦେବାପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତାମାନେ ଦାବି କରିଛନ୍ତି । ସରକାର ପ୍ରଦାନ କରିବାକୁ ଥିବା କ୍ଷତିପୂରଣ ରାଶିରୁ ଭାଗଚାଷୀଙ୍କୁ ୭୫% ଏବଂ ଜମି ମାଲିକଙ୍କୁ ୨୫% ଅନୁପାତରେ ବଣ୍ଟନ କରନ୍ତୁ । ପ୍ରତ୍ୟେକ ମୃତକ କୃଷକ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଋଣଛାଡ଼ ଏବଂ ଉକ୍ତ ପରିବାର ବଂଚିବା ପାଇଁ ଆତ୍ମନିଯୁକ୍ତି ନିମନ୍ତେ ବିନା ସୁଧରେ ନୂତନ ବ୍ୟାଙ୍କ ଋଣ ପ୍ରଦାନ ପାଇଁ ଦାବି କରାଯାଇଛି । ଏହାସହିତ ଜିଲ୍ଲାବ୍ୟାପୀ ଆବଶ୍ୟକତା ଅନୁସାରେ ବ୍ୟବସ୍ଥିତ ମଣ୍ଡି ତୁରନ୍ତ ଖୋଲି ଅଭାବୀ ବିକ୍ରୀକୁ ନିୟନ୍ତ୍ରିତ କରିବା ଲାଗି ସଂଯୁକ୍ତ କିଷାନ ମୋର୍ଚ୍ଚା ଦାବି କରିଛି । ଅଜୟ ସାମଲଙ୍କ ସଭାପତିତ୍ୱର ଅନୁଷ୍ଠିତ ଏହି ବିକ୍ଷୋଭରେ ଆବାହକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା,ପ୍ରଫୁଲ୍ଲ ଦାସ, ଫକୀର ଖଟୁଆ, ମୁକ୍ତାର ଖାଁ, ସୂର୍ଯ୍ୟକାନ୍ତ ପରିଡା, ନରୋତ୍ତମ ପାର୍ଥ ସାରଥୀ, ଆଦିକନ୍ଦ ରାଉଳ, ଜଗତ ଜୀବନ ଦାଶ, ପ୍ରକାଶ ମହାନ୍ତି, ପ୍ରକାଶ ମଲ୍ଲିକ, ମହେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଦ୍ୟୁଭୁସଣ ମହାପାତ୍ର, ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁ, ସୀତାକାନ୍ତ ନାୟକ, ନାରିନେତ୍ରୀ ସୁହାନା ବେଗମ, ସୋମନାଥ ବିଶ୍ୱାଳ, ନୀରଞ୍ଜନ ଦାସ, ଅକ୍ରୁର ପଲାଇ ,ଗାନ୍ଧିବାଦୀ ଅଭିମନ୍ୟୁ ରାଉତ ,ସତ୍ୟାନୁ ସନ୍ଧାନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଗତ ଲଗାଣ ବର୍ଷାରେ ଫସଲ ହାନି ଯୋଗୁଁ ମୃତ୍ୟୁବରଣ କରିଥିବା ଡେରାବିଶ ବ୍ଲକ ଅନ୍ତର୍ଗତ ସନ୍ଥପୁରା ଗ୍ରାମର ଭାଗଚାଷୀ ଭାବଗ୍ରାହୀ ମଲିକଙ୍କ ପୁଅ ମଣ୍ଟୁ ମଲିକ ଏବଂ ବଦକୋସିଦା ଗ୍ରାମର ଭାଗଚାଷୀ ଦୈତାରି ଜେନାଙ୍କ ପୁଅ ରଘୁନାଥ ଜେନା ତାଙ୍କ ପରିବାରର ଦୁରାବସ୍ଥା ଓ ବାପାଙ୍କ ମୃତ୍ୟୁର କାରଣ ସମ୍ପର୍କରେ କହିଥିଲେ ଯେ ସମସ୍ତ ଫସଲ ହାନି ଯୋଗୁଁ ମରିଛନ୍ତି । ଏହି ଆନ୍ଦୋଳନରେ ଚେତାବନୀ ଦିଆଯାଇଛି ଦାବି ପୂରଣ ନହେଲେ ପ୍ରଶାସନକୁ ଅଚଳ କରିଦିଆଯିବ ।ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଆସିଷ୍ଟାଣ୍ଟ କଲେକ୍ଟର କୁଇନ ଜେନା ବିକ୍ଷୋଭ ସ୍ଥଳକୁ ଆସି ଗ୍ରହଣ କରିଥିଲେ ।

# ଗାଙ୍ଗପୁରରେ ପ୍ରଶାସନ ଗାଁ କୀ ଅର୍ କାର୍ଯ୍ୟକ୍ରମ

## ଉପଜିଲ୍ଲାପାଳ ଏବଂ ବିଧାୟକଙ୍କ ମିଳିତ ଜନ ଶୁଣାଣି

ବେଲଗୁଣ୍ଠା ୧୮/୧(ନି.ପ୍ର): ରାଜ୍ୟ ସରକାରଙ୍କ ଉଦ୍ୟମରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପହଞ୍ଚିଛି ଗାଁରେ। ଏହି ପ୍ରଶାସନ ଗାଁ କୀ ଅର୍ କାର୍ଯ୍ୟକ୍ରମ ଆଜି ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ଗ୍ରାମ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରଶାସନ ଗାଁ କୀ ଅର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଏବଂ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମିଳିତ ଅଭିଯୋଗ ଶୁଣାଣି କରି ଜନ ସାଧାରଣଙ୍କୁ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ସବ୍ କଲେକ୍ଟର ବିଶ୍ୱରଞ୍ଜନ କର, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିତ ରଞ୍ଜନ ହୋତା, ଜିଲ୍ଲାପରିଷଦ ସଭ୍ୟ ସୁଧୀର କୁମାର ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ବାଲୁକେଶ୍ୱର ଷଡଙ୍ଗୀ, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାସନ୍ କାର୍ଡ୍, ଭତ୍ତା, ଆବାସ ଯୋଜନା ସହିତ ଅଞ୍ଚଳର ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ସମ୍ପର୍କିତ ୫୩ ଟି ଅଭିଯୋଗ ଶୁଣାଣି କରାଯିବା ସହିତ ଗରିବ ଏବଂ ଅବହେଳିତ ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ସମସ୍ୟା ଗୁଡିକର ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ କୃଷି ଅଧିକାରୀ ଅଜିତ୍ କୁମାର ମହାପାତ୍ର, ସହକାରୀ କୃଷି ଅଧିକାରୀ ସଂଘମିତ୍ରା ଦାସ, ଉଦ୍ୟାନ କୃଷି ଓଭରସିୟର ଦେବନାଥ ରଣା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗୀତାଞ୍ଜଳି ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରୁଦ୍ର ନାରାୟଣ ସାହୁ, ଗାଙ୍ଗପୁର ଥାନା ଅଧିକାରୀ ରବୀନ୍ଦ୍ର କୁମାର ଗାଣ୍ଟା, ବନପାଳ ମିତା ପଲେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଜିତ୍ କୁମାର ସେଠୀ, ଏପିଓ ମିହିର କୁମାର ବିଶ୍ୱାଳ, ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ଗୌରୀ ଶଙ୍କର ସ୍ୱାଇଁ, ପଂଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ସୁବାଷ ଚନ୍ଦ୍ର ବଳ ବେହେରା, ପ୍ରାଣୀ ଚିକିତ୍ସକ ଡାକ୍ତର ଅବିନାଶ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଅଙ୍ଗନୱାଡ଼ି ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ସିଆରପି, ଏମ୍.ବି.କେ, ମହିଳା ଗୋଷ୍ଠୀ, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ କର୍ମଚାରୀ, ପଂଚାୟତ କର୍ମଚାରୀ, ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।




# କିଶୋରୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗୀତା

ବେଲଗୁଣ୍ଠା ୧୮/୧(ନି.ପ୍ର): ବେଲଗୁଣ୍ଠା ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଆନୁକୂଲ୍ୟରେ ବେଲଗୁଣ୍ଠା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନଳିନୀ କୁମାରୀ ମହାରଣା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ରୂପେ ଓଡ଼ିଆ ବିଭାଗ ଅଧ୍ୟାପକ ସପନ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଇସିଟିସି ସୁପରଭାଇଜର ବିଜୟ କୁମାର ସାହୁ ଯୋଗ ଦେଇଥିଲେ ଓ ସମସ୍ତ ଅଞ୍ଚଳ ପରିଦର୍ଶିକା, ଯୋଗାଣ ବ୍ଲକ କୋର୍ଡିନେଟର, ମମତା ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ, ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ, ଏସ୍.ଆର୍.ଏ ସୁଭଦ୍ରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଲୋକନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ରିପୋର୍ଟ ରାଇଟିଙ୍ଗ୍ ପ୍ରତିଯୋଗୀତାରେ ମୋଟ ୨୬ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଯଥାକ୍ରମେ ନଗଦ ୫୦୦ ଟଙ୍କା ,୩୦୦ ଟଙ୍କା ଏବଂ ୧୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ୧୦୦ ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁପରଭାଇଜର ବିଜୟଲକ୍ଷ୍ମୀ ଗୌଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ।

# କଣାସରେ ଅଣାୟତ୍ତ କଲାଣି ଝାଡାବାନ୍ତି



କଣାସ ୧୮/୧(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି କଲାଣି ଝାଡାବାନ୍ତି ।ବ୍ଲକର ଜାଗୁଳାଇପଦର, କଉଡ଼ିଖୁଣି, ନୂଆଗାଁ,ଗୋପିନାଥପୁର, ଗଡ଼ିଶାଗୋଦା, ନାଇକୂଳପାଟଣା ଆଦି କେତେକ ଗ୍ରାମରେ ଶତାଧିକ ଲୋକ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି ।ଗତ ଆଠ ଦିନ ହେଲା ଏହି ସବୁ ଗ୍ରାମର ଲୋକ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଥମିକ ପର୍ଯ୍ୟାୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଖ ପାଖ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ଗୁରୁତର ଅଛନ୍ତି ସେମାନଙ୍କୁ ପୁରୀ ଓ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଉଥିବା ଡାକ୍ତର କହିଛନ୍ତି ।ମଙ୍ଗଳବାର ୪୦ରୁ ଉର୍ଦ୍ଧ ଝାଡା ବାନ୍ତି ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ବେଳେ ବୁଧବାର ୨୫ ପାଖାପାଖି ରୋଗୀ ଆସିଥିବା ଜଣାପଡିଛି ।ସେମାନଙ୍କ ମଧ୍ୟରୁ ତିନି ଚାରି ଜଣ ପୁରୀ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଚିକିତ୍ସା କରୁଥିବା ଡ଼ାକ୍ତର କହିଛନ୍ତି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଏହି ସମୟରେ କଣାସ ଅଞ୍ଚଳରେ ଝାଡା ବାନ୍ତି ବ୍ୟାପେ ହେଲେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପୂର୍ବ ପ୍ରସ୍ତୁତି ଓ ସଚେତନ ଅଭାବରୁ ଝାଡା ବାନ୍ତି ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାମ୍ୟମାଣ ମେଡିକାଲ ଟିମ୍ ଝାଡାବାନ୍ତି ହେଉଥିବା ଗ୍ରାମ ମାନଙ୍କରେ ପହଞ୍ଚି ଷ୍ଟାଇ ମେଡିକାଲ କ୍ୟାମ୍ପ କରିବା କଥା ହେଲେ ଅଳ୍ପ ସମୟ ସେହି ଗ୍ରାମକୁ ଯାଇ ହାଲୋଜିନ୍ ଟାବଲଲେଟ ଓ ଓ.ଆର୍.ଏସ ଦେଇ ଚାଲି ଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ପୂର୍ବରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ବେହେରା ଥିବା ସମୟରେ ସଠିକ୍ ଭାବରେ ପରିଚାଳନା ଓ ରୋଗୀ ସେବା ମିଳୁଥିଲା ହେଲେ ଡାକ୍ତର ଶ୍ରୀ ବେହେରା ସ୍ୱେଚ୍ଛାକୃତ ଅବସର ନେବାପରେ ମେଡ଼ିକାଲରେ ଠିକ୍ ଭାବରେ ପରିଚାଳନା ହେଉନଥିବା ବେଳେ ରୋଗୀ ସେବା ଠିକ୍ ଭାବରେ ହେଉନଥିବା ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି ।ସ୍ୱାସ୍ଥ୍ୟ ବିଭାଗ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ନିଯୋଜନ କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ମୟୂରଭଞ୍ଜ ମକର ପର୍ବ:ଶମୀବୃକ୍ଷ, ଭୀମକୁଣ୍ଡ, ରାମତୀର୍ଥ ଲୋକାରଣ୍ୟ

ମୟୂରଭଞ୍ଜ ୧୮/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସପ୍ତାହେ ପର୍ଯ୍ୟନ୍ତ ମକରମନସ୍କ ହୋଇଛନ୍ତି ମୟୂରଭଞ୍ଜବାସୀ। ସକାଳୁ ମକର କୁମାରେ (ଶୁଖିଲା ତାଳପତ୍ରରେ ତିଆରି କୁମା) ନିଆଁ ଲଗାଇ ପବିତ୍ର ମକର ପର୍ବକୁ ସ୍ୱାଗତ କରିଛନ୍ତି। ଜିଲ୍ଲାର ସବୁଠୁ ବଡ଼ପର୍ବ ହେଉଛି ମକର। ଏଥିପାଇଁ ସପ୍ତାହେ ପୂର୍ବରୁ ପ୍ରସ୍ତୁତି ଚାଲିଥିଲା ବେଳେ ଆଜି ପରମ୍ପରା ଅନୁଯାୟୀ ମକର କୁମା ଜାଳିବା ସହ ଜଳାଶୟରେ ବୁଡ଼ ପକାଇଛନ୍ତି। ଆଦିବାସୀ ଓ କୁଡୁମୀ ବହୁଳ ଗାଁରେ ଉତ୍ସବର ମାହୋଲ। ସବୁଘରେ ପିଠାପଣା, ନାଚଗୀତ, ଭୋଜିଭାତର ଆସର। ତେବେ କେବଳ ଆଦିବାସୀ ନୁହନ୍ତି, ଜିଲ୍ଲାର ସବୁ ବର୍ଗର ଲୋକ ଆଜିଠୁ ସପ୍ତାହେ ଯାଏ ନିଜ କର୍ମଜଞ୍ଜାଳକୁ ଭୁଲି ମକର ପାଳିବେ।ସେହିପରି ମକର ପାଇଁ ଆଜିଠାରୁ ବିଭିନ୍ନ ସ୍ଥାନରେ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଖାସ୍‌କରି ଯଶିପୁର ବ୍ଲକ୍‌ର ରାମତୀର୍ଥରେ ଆୟୋଜିତ ମକର ମେଳାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଛି। ସେହିପରି କପ୍ତିପଦାର ଶମୀବୃକ୍ଷ, ଠାକୁରମୁଣ୍ଡାର ଭୀମକୁଣ୍ଡ, ଜିବିନଗର ବ୍ଲକ୍‌ର କୁମ୍ଭୀରାହୁଡ଼ି, ବାଙ୍ଗିରିପୋଷିର ଦୁଆରଶୁଣି ପୀଠରେ ଆଜି ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜିଠାରୁ ଟୁସୁମେଡ଼ ଓ ଲାଖବିନ୍ଧା ପ୍ରତିଯୋଗିତା ସହ କୁକୁଡ଼ା ଲଢ଼େଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରାୟ ସପ୍ତାହେ ଧରି ଏ ସମସ୍ତ କାର୍ଯ୍ୟକ୍ରମ ଚାଲିବାକୁ ଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଛି ।ଦୁଆରଶୁଣି ଘାଟି ମେଳା କମିଟିର ସମ୍ପାଦକ ଶ୍ରୀକାନ୍ତ ବସାଙ୍କ କହିବା ଅନୁଯାୟୀ; ଏଠାରେ ୪୦ ବର୍ଷ ଧରି ମେଳା ଆୟୋଜନ ହେଉଛି। ଏଥର ମକର ମେଳାରେ ପ୍ରାୟ ୨ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ ବୋଲି ଆଶା କରୁଛୁ। ତେବେ ମେଳା ପରିଚାଳନା ଦାୟିତ୍ୱ ପ୍ରଶାସନକୁ ଦିଆଯାଇଛି। ସେହି ଅନୁସାରେ ବ୍ୟାପକ ପ୍ରସ୍ତୁତି ସରିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାରିପଦା ସଦର ଏସ୍ ?ଡିପିଓଙ୍କ ନେତୃତ୍ୱରେ ବାଙ୍ଗିରିପୋଷି, କୁଳିଅଣା, ଝାରପୋଖରିଆ ଥାନା ଅଧିକାରୀ ଓ ୧ ପ୍ଲାଟୁନ୍ ଫୋର୍ସ ମେଳାରେ ମୁତୟନ ହେବେ।

# ଗୋରୁମହିଷାଣୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନେଚର କ୍ୟାମ୍ପ୍

ମୟୂରଭଞ୍ଜ ୧୮/୧(ନି.ପ୍ର): ରାଇରଙ୍ଗପୁର ବ୍ଲକ୍ ?ର ଗୋରୁମହିଷାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସୁଲେଇପାଟ ବନ୍ଧଠାରେ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ଦିବସୀୟ ନେଚର କ୍ୟାମ୍ପ୍ ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ୍ ?ର ୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସମ୍ବଳ ବ୍ୟକ୍ତି ଭାବେ ଆଇରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଦିଗମ୍ବର ଗିରି ଏବଂ ଉଦ୍ଭିଦ ବିଭାଗର ଅଧ୍ୟାପକ ତପନ କୁମାର ସାମଲ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କ୍ୟାମ୍ପ୍ ଅଫିସର ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁହାଗିନି ହେମ୍ବ୍ରମ ଓ ପ୍ରୋଗ୍ରାମ ଅଫିସର ଭାବେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କଳାକାର ମହାନ୍ତ ପରିଚାଳନା କରିଥିଲେ ।ଏଥିରେ ବିଦ୍ୟାଳୟର ଶିକ୍ଷୟତ୍ରୀ ମମତା ରାଣୀ ପୃଷ୍ଟି ,କିରଣ କୁମାର ବେହେରା ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସିନ ଥିଲେ । ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କ ମଧ୍ୟରେ ସୀତାମ୍ବରୀ ନାୟକ,ମାନସୀ ବାଗ, ସୌମ୍ୟା ସେଫାଳିକା ସିଂହ, ମୀନାରାଣୀ ମାଝୀ, ରାମନାରାୟଣ ପାଣ୍ଡେ,ମାନସ କୁମାର ଦତ୍ତ ଓ କନିଷ୍ଠ ଚନ୍ଦ୍ରଶେଖର ମହାନ୍ତିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁହାଗିନି ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ବୋର୍ସିଂ ୧୦୮ ପ୍ରହର ପଞ୍ଚ ମହାଯଜ୍ଞ



ବେଲଗୁଣ୍ଠା ୧୮/୧(ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ବଡ଼ବୋର୍ସିଂ ଗ୍ରାମରେ ୧୦୮ ପ୍ରହର ପଞ୍ଚ ମହାଯଜ୍ଞ ଆରମ୍ଭ ଆରମ୍ଭ ହୋଇଛି ଓ ଏହି ଅବସରରେ ରବିବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରାତିରୁ ୧୦୮ ପ୍ରହର ଅଖଣ୍ଡ ନାମ ଯଜ୍ଞ,ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଗୋ ଯଜ୍ଞ ଆରମ୍ଭ ହୋଇଯାଇଛି। ଗହଙ୍ଗୁ ମଠାଧୀଶ ରାଘବାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ ବୋର୍ସିଂ,ଖାରିଗୁଡ଼ା,ଦଦରଲୁଣ୍ଡା, ବାଘୁଆପଲ୍ଲୀ,ସାର୍ଦ୍ଦୁଳ,ଖରିଡ଼ା ଏବଂ ସୋଲଣ୍ଡିର ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅଖଣ୍ଡ ନାମ ପରିବେଷଣ କରୁଛନ୍ତି। ଏହି ଅବସରରେ ମହନ୍ତ ରାଘବାନନ୍ଦ ଦାସଜୀ ମହାରାଜ,ଡଃ.ସତ୍ୟ ରଞ୍ଜନ ରଥ କଥା ରତ୍ନ ଜ୍ଞାନ ରଞ୍ଜନ ଜେନା ଶ୍ରୀରାମ କଥାମୃତ ପ୍ରବଚନ ପ୍ରଦାନ କରୁଥିବା ବେଳେ ମାଆ ତାରିଣୀ ଭଜନ ସମାରୋହ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଉଛି ଓ ଆସନ୍ତା ମଙ୍ଗଳବାର ଠାରୁ ପ୍ରବଚକ ମାନଙ୍କ ଦ୍ୱାରା ଭାଗବତ କଥାମୃତ ପରିବେଷଣର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଯଜ୍ଞ ଦେଖିବା ପାଇଁ ଏବଂ ପ୍ରସାଦ ସେବନ କରିବା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି ଓ ମୀନା ବଜାର ଏବଂ ବିଭିନ୍ନ ପ୍ରକାର ଦୋଳିର ମଜା ଉଠାଇବାକୁ ଶିଶୁ ,ମହିଳା ଏବଂ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। କାର୍ଯ୍ୟକ୍ରମରେ ବଡ଼ବୋର୍ସିଂ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି।

# ୬୦ତମ ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ

ମୟୂରଭଞ୍ଜ ୧୮/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାଣ୍ଡସର ଗାଁ ନେତାଜୀ ଯୁବକ ସଂଘ ଆନୁକୁଲ୍ୟରେ ଲେଟ୍ ନରେନ୍ଦ୍ର ମୋହନ ବେହେରା,ଲେଟ୍ କୁଞ୍ଜ ସିଂ ପୂର୍ତ୍ତୀଙ୍କ ସ୍ମୃତିରେ ୬୦ତମ ଫୁଟବଲ ଟୁର୍ଣ୍ଣାମେଟ୍ ଓ ବିଭିନ୍ନ କ୍ରିଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଉପଲକ୍ଷେ ସଂଘର ସଭାପତି,ସମ୍ପାଦକ ଓ ସଂଘ ସଦସ୍ୟଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ତା/୨୧/୦୧/୨୦୨୫ରୁ ଆରମ୍ଭ ହୋଇ ତା/୨୫/୦୧/୨୦୨୫ ତାରିଖ ଯାଏଁ ବାର୍ଷିକ କ୍ରିଡ଼ା ଓ ଉତ୍ସବ ଅନୁଷ୍ଠିତ ହେବ ବୋଲି ସଂଘର ସମ୍ପାଦକ ଜଣାଇଛନ୍ତି ।ତାରିଖ ୨୧ ଓ ୨୩ ପର୍ଯ୍ୟନ୍ତ ଫୁଟବଲ ଖେଳ ଅନୁଷ୍ଠିତ ହେବାକୁ ଥିବା ବେଳେ ତାରିଖ ୨୪/୦୧/୨୦୨୫ରେ ଲେଟ୍ ଡମ୍ବୁରୁଧର ମଣ୍ଡଳଙ୍କ ସ୍ମୃତିରେ ତାଙ୍କ ସୁପତ୍ର ଅମିତ କୁମାର ମଣ୍ଡଳ ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ମାରାଥନ ଦୌଡ ପ୍ରତିଯୋଗିତା ଭେଟି ଦେଉଥିବା ସୂଚନା ହସ୍ତଗତ ହୋଇଛି ।ସାଇକେଲ୍ ରେସ୍,୨୦୦୦ମି ଦୌଡ,୮୦୦ମି ଦୌଡ଼,ସଟ୍ ଫୁଟ୍,ମାଙ୍କଡିଆ(ବୁଢ଼ିଆଣି) ଦୌଡ଼,ବେଙ୍ଗଡିଆଁ,୧୦୦ମି ଦୌଡ,ବାସ୍କେଟବଲ୍,ସ୍ଥାନ ଅଧିକାର,ଶଙ୍ଖ ଫୁଙ୍କା ଆଦି କ୍ରୀଡ଼ା ଅନୁଷ୍ଠିତ ହେବ ଏବଂ ସାଂସ୍କୃତିକ ନାଚ ସାଓ୍ୱଁତା ଜମେଲ,ଡିସ୍କୋ ଲାଗଣେ,ଫୋରି ନାଚ,କାଠି ନାଚ ଆଦି ଅନୁଷ୍ଠିତ ହେବ ।ତାରିଖ ୨୫/୦୧/୨୦୨୫ରେ କେପିଏଲ୍ ୨୦୨୫ କ୍ରିକେଟ୍ ଟୁର୍ଣ୍ଣମେଟ୍ ଲଟେରୀ ମାଧ୍ୟମରେ ହେବ କ୍ରିକେଟ୍ ଖେଳର ଆୟୋଜକ-ଦେବକିଶୋର କାଳନ୍ଦୀ,ଟିଟୁ ବାବୁ,ରାଇସେନ୍ ମୁର୍ମୁ ସୂଚନା ପ୍ରଦାନ କରିଛନ୍ତି ।ବାର୍ଷିକ ପ୍ରତିଯୋଗିତା ଓ ମହୋତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ କମିଟୀ ତରଫରୁ ସମସ୍ତ ପ୍ରକାରର ବ୍ୟବସ୍ଥା ରହିବ ବୋଲି ଗ୍ରାମର ବରିଷ୍ଠ ନାଗରିକ ମୁସ୍ତଫା ଅଲ୍ଲୀ ଓ ଲକ୍ଷ୍ମଣ ଟୁଡୁ ଜଣାଇଛନ୍ତି ।

# ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ



ବେଲଗୁଣ୍ଠା ୧୮/୧(ନି.ପ୍ର):: କ୍ଷେତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଗତ ତା ୦୬/୦୧/୨୦୨୫ ରିଖ ଠାରୁ ଆରମ୍ଭ ହୋଇ ତା - ୧୫/୦୧/୨୦୨୫ ରିଖରେ ସମାପ୍ତି ହେଇଛି । ପ୍ରଶାସନିକ ଅଧିକ୍ଷକ କୁମୁଦ ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ସବର ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମର ସଂଚାଳନ କରିବା ସହ ସ୍ୱାଗତ ଅଭିଭାଷଣ କରିଥିଲେ। ମଞ୍ଚାସିନ ମୁଖ୍ୟ ବକ୍ତା ଏକାଡେମୀକ ଅଧିକାରୀ ରୁନିବାଳା ତ୍ରିପାଠୀ, ପ୍ରଶିକ୍ଷିକା ଅର୍ଚ୍ଚନା ବିଶ୍ୱାଳ, ସୁନିତା ରାଣୀ ସେଠି ପ୍ରମୁଖ ଶିବିରାର୍ଥୀମାନେ ଉକ୍ତ ଶିକ୍ଷାକୁ ଆବଶ୍ୟକ ସ୍ଥଳେ ଦୃଢତାର ସହ ଉପଯୋଗ କରି ନିଜକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଶିବିରାର୍ଥୀମାନେ ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହ କେତେକ ତାଲିମ କୌଶଳ ଗୁଡିକ ଅତିଥିମାନଙ୍କ ଆଗରେ ପ୍ରଦର୍ଶନ କରିଥିଲେ। ତାଲିମପ୍ରାପ୍ତ ଶିବିରାର୍ଥୀମାନଙ୍କୁ ତାଙ୍କର ସଫଳ ତାଲିମ ପାଇଁ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସା ପାତ୍ର ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟର ସଂଯୋଜିକା ଅଧ୍ୟାପିକା ଜୟଶ୍ରୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯଥାକ୍ରମେ ଦୀପୁ ଭୂୟାଁ, ପି ଦୀପକ ରାଓ, ପ୍ରଦୀପ ଦିଗାଲ, ତ୍ରିନାଥ ବେହେରା, ଗାଙ୍ଗୁଲି ପାଲଟାସିଂ, ପିଙ୍କି ପୋଲାଇ, ଭାରତୀ ବିଶ୍ୱାଳ, ଯମୁନା ଖୁଣ୍ଟିଆ, ଶିବାନୀ ନାୟକ, ପଦ୍ମ ଚାରଣ ନାୟକ, ସନ୍ତୋଷ ବିଶୋଇ, ବୁଦ୍ଧିରାମ ବିଶ୍ୱାଳ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୧୯୯୦ ମସିହା ମେଟ୍ରିକ ବ୍ୟାଚ ବନ୍ଧୁ ମିଳନ କାଯ୍ୟକ୍ରମ



ନବରଂଗପୁର ୧୮/୧(ନି.ପ୍ର): ନବରଂଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ମେଟ୍ରିକ ବ୍ୟାଚ ର ବନ୍ଧୁ ମିଳନ ପଡୋଶୀ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ମାଁ ଡଙ୍ଗର୍ ଦେଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି । ଦୀର୍ଘ ୩୫ ବର୍ଷ ପରେ ବାଲ୍ୟ ବନ୍ଧୁମାନେ ଏକାଠି ମିଶିଥିବାରୁ ହସଖୁସି, ଆନନ୍ଦ ରେ ଦିନ ଟି କାଟିଥିଲେ । କର୍ମମୟ ଜୀବନ ରୁ ଗୋଟିଏ ଦିନ ବାହାର କରି ସାଙ୍ଗ ସାଥି ମେଳ ରେ ସମସ୍ତେ ମିଶିଥିବା ରୁ ମେଟ୍ରିକ ପରେ ନିଜ ନିଜ ଜୀବନ ର ଗତି ପଥ ଉପରେ ଆଲୋଚନା କରିଥିଲେ ।ଏହି ମସିହା ରେ ମୋଟ ୭୦ ଜଣ ପାଠ ପଢୁଥିବା ବେଳେ ୫୦ ଜଣ ଉପସ୍ଥିତ ଥିଲେ । ଏକ ଙ୍ଖବବ୍ଖବ୍ଧବକ୍ଷ୍ମ ଗ୍ରୁପ ମାଧ୍ୟମରେ ସମସ୍ତେ ଏକତ୍ରିତ ହୋଇ ଆଜି ବନ୍ଧୁ ମିଳନ କରିଥିଲେ । ଆଗାମୀ ଦିନ ରେ ସମସ୍ତେ ସୁଖ ଦୁଃଖ ରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏବଂ ମୁଖ୍ୟ ଅତିଥି ଭାବେ ସେଇ ବିଦ୍ୟାଳୟ ର ଶିକ୍ଷକ ବନମାଳୀ ରଥ ଯୋଗ ଦେଇଥିଲେ । ଶେଷରେ ଆଗାମୀ ଦିନ ବନ୍ଧୁ ପାଇଁ ର ଭାବନା ରେ ଦୁଃଖ ସୁଖର ସାଥୀ ହେବାପାଇଁ ହାତକୁ ହାତ ମିଳାଇ ଆଗକୁ ଯିବା ନିଷ୍ପତି ହୋଇଥିଲା ।

# ଚିଲିକାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଆଇନ ମନ୍ତ୍ରୀ



ବାଣପୁର ୧୮/୧(ନି.ପ୍ର): ଆଇନ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ନିଜ ନିର୍ବାଚନ ମଣ୍ଡଳିରେ ବିକାଶ କାର୍ଯ୍ୟ ଜାରି ରଖିଛନ୍ତି । ମଙ୍ଗଳବାର ଦିନ ଚିଲିକାରେ ଏକାଧିକ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଧବାର ଦିନ ମଧ ଉକ୍ତ ପ୍ରକ୍ରିୟା ଜାରି ରହିଛି । ଆଜି ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବାଁଳୋଇ ଗ୍ରାମକୁ ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ଗସ୍ତ କରିଥିଲେ ।ଏହି ଗସ୍ତ ଅବସରରେ ଗ୍ରାମବାସୀ ମାନେ ମନ୍ତ୍ରୀ ଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହାପରେ ମନ୍ତ୍ରୀ ବାଁଳୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଆଦର୍ଶ ଫାଟକର ଶୁଭ ଉଦଘାଟନ,ବାଁଳୋଇ (କ),ବାଁଳୋଇ(ଖ) ଅଙ୍ଗନୱାଡ଼ି କେନ୍ଦ୍ର ର ଶୁଭ ଉଦଘାଟନ, ମାର୍କେଟ କମ୍ପ୍ଲେକ୍ସ ର ନୂତନ ଗୃହର ଶୁଭ ଉଦଘାଟନ କରିବା ସହ ବାଁଳୋଇ ଗ୍ରାମରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ଏବଂ ୮୦ ପ୍ରତିଶତରୁ ଅଧିକ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ଉଭୟ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ସାମାଜିକ ସୁରକ୍ଷା ଭତ୍ତାକୁ ୧୨୦୦ ଟଙ୍କା ରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରିବାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର ।ଏହି ଅବସରରେ ମନ୍ତ୍ରୀ ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ ।ଏହି ଅବସରରେ ବାଣପୁର ବ୍ଲକ ଅଧକ୍ଷ ? ଅମରେନ୍ଦ୍ର ରଣସିଂହ, ବିଡ଼ିଓ ଶୀତଲ ଅଗ୍ରୱାଲ, ସରପଞ୍ଚ ସାବିତ୍ରୀ ଭୋଳ, ଜିଲ୍ଲା ପରିଷଦ ସଭ୍ୟା ଟିକି ଶବର, ସମିତିସଭ୍ୟା ରଶ୍ମିତା ପ୍ରଧାନ,ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳଙ୍କ ସହ ବହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପାଟଣା ରେ ସ୍ଥଳ ସେନା ଦିବସ ପାଳିତ

ପାଟଣା ୧୮/୧(ନି.ପ୍ର):ଆଜି ୭୭ତମ ସ୍ଥଳସେନା ଦିବସ ଅବସରରେ ସଂଘ ର ଅଧକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଙ୍କ ବିପ୍ଣଶାଳା ରେ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପାଟଣା - ସାହାରପଡ଼ା ର ସଦସ୍ୟ ମାନଙ୍କ ଦ୍ୱାରା ଏକ ସଭା ର ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ହୋଇ ପ୍ରଥମେ ସହିଦ୍ ବୀର ମାନଙ୍କ ଉଦ୍ଦେଶ୍ୟ ରେ ମହମବତୀ ଜାଳି, ପୁଷ୍ପାଞ୍ଜଳି ଦେଇ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ସଂଘ ର ସମ୍ପାଦକ ସୁବେଦାର ନାରାୟଣ ବାରିକ୍ ପ୍ରଥମେ ଉପସ୍ଥିତ ସମସ୍ତ ସଦସ୍ୟ ମାନଙ୍କୁ ସ୍ଥଳସେନା ଦିବସ ର ଅଭିନନ୍ଦନ ଜଣାଇ ବିଗତ ସଭା ରେ ଆଗତ ଲେଖା ପାଠ କରିଥିଲେ। ମୁଖ୍ୟ ଅତିଥି ଅଧକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ ମଧ ସମସ୍ତ ସଦସ୍ୟ ଗଣ ଙ୍କୁ ସ୍ଥଳସେନାଦିବସ ର ଅଭିନନ୍ଦନ ଜଣାଇ ସ୍ଥଳସେନା ଦିବସ ର ଉଦ୍ଦେଶ୍ୟ ଓ ସ୍ଥଳସେନା ବାହିନି ର ବୀର ଗାଥା ବିଷୟରେ ସମସ୍ତଙ୍କ ଆଗରେ ଆଲୋଚନା ରଖିଥିଲେ। ଫିଲ୍ଡ ମାର୍ଶାଲ କେ ଏମ କାର୍ଯ୍ୟପ୍ପା କିପରି ଜେନେରାଲ ଫ୍ରାନ୍ସିସ ବୁଚର ଙ୍କ ଠାରୁ ଦାୟିତ୍ୱ ନେଇ ଭାରତିୟ ସ୍ଥଳ ସେନା ର ପ୍ରଥମ କମାଣ୍ଡର ଇନ୍ ଚିଫ ହୋଇଥିଲେ ତାର ଇତିହାସ କୁ ମନେ ପକାଇଥିଲେ। ସଭା କାର୍ଯ୍ୟ ରେ ଅଧକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ , ସମ୍ପାଦକ ସୁବେଦାର ନାରାୟଣ ବାରିକ୍ ତଥା ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।




# କଥାକାର ରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ପୁସ୍ତକ ମେଳା 'ଯୁବ ସାହିତ୍ୟ ପୁରସ୍କାର

ଫୁଲବାଣୀ ୧୮/୧(ନି.ପ୍ର): ଚଳିତ ୨୦୨୫ ବର୍ଷ ପାଇଁ ସମ୍ମାନଜନକ କେନ୍ଦ୍ରାପଡ଼ା ପୁସ୍ତକ ମେଳା 'ଯୁବ ସାହିତ୍ୟ ପୁରସ୍କାର' ବିଶିଷ୍ଟ କଥାକାର ଡ. ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ଦ୍ୱାବିଂଶତମ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଡ. ପ୍ରଧାନଙ୍କୁ ମାନପତ୍ର, ପ୍ରଶସ୍ତି ଫଳକ, ଉତ୍ତରୀୟ ଏବଂ ନଗଦ ପାଞ୍ଚ ସହସ୍ର ମୁଦ୍ରା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। କେନ୍ଦ୍ରାପଡ଼ା ସହରର ମହିପାଳ ପଡ଼ିଆରେ ଆୟୋଜିତ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ଅନୀଲ କୁମାର ଧୀର, ମୁଖ୍ୟବକ୍ତା ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି କବି ନିରାକାର ଦାସ, କେମ୍‌ର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ, 'କେମ୍ ?'ର ସଭାପତି ଅକ୍ଷୟ କୁମାର ପାଣି, ସମ୍ପାଦକ ମହମ୍ମଦ ଜାହିଦ୍ ଖାନ ? ପ୍ରମୁଖ ଉପସ୍ଥିତ ରହି ଡ. ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଡ. ପ୍ରଧାନ ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ଜଣେ ବରିଷ୍ଠ ସାମ୍ବାଦିକ ଭାବେ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତିଲାଭ କରିପାରିଛି। ତାଙ୍କ ଲିଖିତ ଉପନ୍ୟାସ 'ଗୋବରୀ ନଈର ଗୀତ' ଏବଂ 'ଧରଣୀପେନୁ' ପାଇଁ ସେ ସମଗ୍ର ଓଡ଼ିଆ ସାହିତ୍ୟ ଜଗତରେ ଚର୍ଚ୍ଚାର ଶୀର୍ଷରେ ଅଛନ୍ତି। ଏହି ପୁରସ୍କାର ଲାଭ କରିବା ପରେ ଡ. ପ୍ରଧାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଛାତ୍ରୀ ଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ପାଟଣା ୧୮/୧(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଅଧ୍ୟୟନ ରତ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ର ୨୬୪ ଜଣ ପ୍ରଥମ ବର୍ଷ ଛାତ୍ରୀ ଙ୍କୁ ୮ ଦିନ ଧରି ଦିଆଯାଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଛି ।କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମନ୍ଦାକିନି ନାଏକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦଯାପନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଜଗନ୍ନାଥ ମହାନ୍ତ, ସମ୍ମାନୀତ ଅତିଥି ଭାବେ ଏନ ସି ସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ମଦନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଏହି ପ୍ରଶିକ୍ଷଣ ଭବିଷ୍ୟତ ରେ ବେଶ ପ୍ରେରଣା ଯୋଗାଇବା ସହ ଉପାଦେୟ ହେବ ବୋଲି ମତ ରଖିଥିଲେ ।ପ୍ରଶିକ୍ଷିକା କୁମୁଦିନି ବେହେରା ଓ ପ୍ରିୟଙ୍କା ବାରିକ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

## ସଂପାଦକୀୟ

# ଆରବିଆଇର ନିଷ୍ପତି ମନରେ ଛନକା

ଆରବିଆଇ ମେ ୧୯ ତାରିଖ ରେ ନିଷ୍ପତି ନେଇଛି କି ଦୁଇ ହଜାର ଟଙ୍କା ଆଉ ଚଳିବନି । ଯେଉଁ ମାନଙ୍କ ପାଖରେ ୨୦୦୦ ଟଙ୍କାର ନୋଟ ରହିଛି ସେମାନେ ସେପଟ୍ମେର ୩୦ ତାରିଖ ସୁଦ୍ଧା ସେ ସବୁ ନୋଟ କୁ ନେଇ ବ୍ୟାଙ୍କ ରେ ଡିପୋଜିଟ କରିବେ । ଆରବିଆଇ ର ଏହି ନିଷ୍ପତି ଅନେକଙ୍କ ମନରେ ଛନକା ପସାଇଛି ।ପର୍ଶ ଭିତରେ ଦୁଇ ହଜାର ଟଙ୍କାର ନୋଟ ଖଣ୍ଡେ ଥିଲେ ନିଶ୍ଚିନ୍ତ ଲାଗେ । ଯେମିତି ବିବାହ ଓ ବ୍ରତ ରେ ଚାରିଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ ଠାରୁ ଅଧିକ ଗର୍ବ ରେ ଦୁଇହଜାର ଟଙ୍କାର ର ପଲିସ ନୋଟ ନିଜକୁ ଉପସ୍ଥାପନା କରେ । ଆରବିଆଇ ଆଉ ଗୋଟିଏ ଗାଇଡଲାଇନ ଏହା ସହିତ ଜାରି କରିଛି ଯେ ଯେଉଁ ମାନଙ୍କ ପାଖରେ ଦୁଇ ହଜାର ଟଙ୍କା ଅଛି ସେମାନେ ଦିନ କୁ ୨୦୦୦୦ ହଜାର ଟଙ୍କା ଲେଖାଏଁ ବ୍ୟାଙ୍କ ରେ ବଦଳାଇ ପାରିବେ । କଳାଧନ ଲୁଚାଇବା ପାଇଁ ୨୦୦୦ ଟଙ୍କା ର ନୋଟ କାମରେ ଆସୁଥିଲା । ଅଳ୍ପ ସ୍ଥାନ ରେ କୋଟି କୋଟି ଟଙ୍କା ରଖା ଯାଇ ପାରୁଛି । ଆରବିଆଇ ଏହି ଦୁଇ ହଜାର ଟଙ୍କିଆ ନୋଟ କୁ ନଭେମ୍ବର ୨୦୧୬ ରେ ଆରମ୍ଭ କରିଥିଲା । ଡିମୋନିଟାଇଜେସନ ର ପରେ ପରେ ଏହି ୨୦୦୦ ଟଙ୍କିଆ ନୋଟ କୁ ଆରବିଆଇ ଆରାମ୍ଭ କଲା । ଡିମୋନିଟାଇଜେସନ ସମୟ ରେ ହଜାର ଟଙ୍କିଆ ନୋଟ ଓ ପଞ୍ଚଶହ ଟଙ୍କିଆ ନୋଟ ର ପ୍ରସାର ହଟାଇ ଦିଆଯାଇଥିଲା ତେଣୁ ଏହି ପାଞ୍ଚଶହ ଟଙ୍କିଆ ନୋଟ ଓ ହଜାର ଟଙ୍କିଆ ନୋଟ ହଜିଯିବା ଫଳ ରେ ଯେଉଁ ପ୍ରକାର ମୁଦ୍ରା ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ତାକୁ ଦୁର କରିବା ପାଇଁ ୨୦୦୦ ଟଙ୍କିଆ ନୋଟ କୁ ଆରମ୍ଭ କରାଗଲା ।ବର୍ତ୍ତମାନ ୨୦୦୦ ଟଙ୍କା କୁ ଅଚଳ କରିବା ପାଇଁ ଆରବିଆଇ ନେଇଥିବା ନିଷ୍ପତି ଉପରେ ବିରୋଧି ଦଳ ସରକାରଙ୍କୁ ଘେରିବା ପାଇଁ ବସିଛନ୍ତି । ସରକାର ଙ୍କ କହିବା ମୁତାବକ ଏହି ୨୦୦୦ ଟଙ୍କିଆ ନୋଟ କୁ ଅଚଳ କଲେ ଦେଶରେ ଚାଲିଥିବା କରପସନ ଉପରେ କିଛି ମାତ୍ରା ରେ ଆଙ୍କୁଶ ଲଗାଇ ଯାଇ ପାରିବ । ପର୍ଶ ଭିତରେ ଦୁଇ ହଜାର ଟଙ୍କାର ନୋଟ ଖଣ୍ଡେ ଥିଲେ ନିଶ୍ଚିନ୍ତ ଲାଗେ । ଯେମିତି ବିବାହ ଓ ବ୍ରତ ରେ ଚାରିଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ ଠାରୁ ଅଧିକ ଗର୍ବ ରେ ଦୁଇହଜାର ଟଙ୍କାର ର ପଲିସ ନୋଟ ନିଜକୁ ଉପସ୍ଥାପନା କରେ । ଆରବିଆଇ ଆଉ ଗୋଟିଏ ଗାଇଡଲାଇନ ଏହା ସହିତ ଜାରି କରିଛି ଯେ ଯେଉଁ ମାନଙ୍କ ପାଖରେ ଦୁଇ ହଜାର ଟଙ୍କା ଅଛି ସେମାନେ ଦିନ କୁ ୨୦୦୦୦ ହଜାର ଟଙ୍କା ଲେଖାଏଁ ବ୍ୟାଙ୍କ ରେ ବଦଳାଇ ପାରିବେ । କଳାଧନ ଲୁଚାଇବା ପାଇଁ ୨୦୦୦ ଟଙ୍କା ର ନୋଟ କାମରେ ଆସୁଥିଲା । ଅଳ୍ପ ସ୍ଥାନ ରେ କୋଟି କୋଟି ଟଙ୍କା ରଖା ଯାଇ ପାରୁଛି । ଆରବିଆଇ ଏହି ଦୁଇ ହଜାର ଟଙ୍କିଆ ନୋଟ କୁ ନଭେମ୍ବର ୨୦୧୬ ରେ ଆରମ୍ଭ କରିଥିଲା । ଡିମୋନିଟାଇଜେସନ ର ପରେ ପରେ ଏହି ୨୦୦୦ ଟଙ୍କିଆ ନୋଟ କୁ ଆରବିଆଇ ଆରାମ୍ଭ କଲା । ଡିମୋନିଟାଇଜେସନ ସମୟ ରେ ହଜାର ଟଙ୍କିଆ ନୋଟ ଓ ପଞ୍ଚଶହ ଟଙ୍କିଆ ନୋଟ ର ପ୍ରସାର ହଟାଇ ଦିଆଯାଇଥିଲା ତେଣୁ ଏହି ପାଞ୍ଚଶହ ଟଙ୍କିଆ ନୋଟ ଓ ହଜାର ଟଙ୍କିଆ ନୋଟ ହଜିଯିବା ଫଳ ରେ ଯେଉଁ ପ୍ରକାର ମୁଦ୍ରା ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ତାକୁ ଦୁର କରିବା ପାଇଁ ୨୦୦୦ ଟଙ୍କିଆ ନୋଟ କୁ ଆରମ୍ଭ କରାଗଲା ।ବର୍ତ୍ତମାନ ୨୦୦୦ ଟଙ୍କା କୁ ଅଚଳ କରିବା ପାଇଁ ଆରବିଆଇ ନେଇଥିବା ନିଷ୍ପତି ଉପରେ ବିରୋଧି ଦଳ ସରକାରଙ୍କୁ ଘେରିବା ପାଇଁ ବସିଛନ୍ତି । ସରକାର ଙ୍କ କହିବା ମୁତାବକ ଏହି ୨୦୦୦ ଟଙ୍କିଆ ନୋଟ କୁ ଅଚଳ କଲେ ଦେଶରେ ଚାଲିଥିବା କରପସନ ଉପରେ କିଛି ମାତ୍ରା ରେ ଆଙ୍କୁଶ ଲଗାଇ ଯାଇ ପାରିବ । କଳାଧନ ଲୁଚାଇବା ପାଇଁ ୨୦୦୦ ଟଙ୍କା ର ନୋଟ କାମରେ ଆସୁଥିଲା । ଅଳ୍ପ ସ୍ଥାନ ରେ କୋଟି କୋଟି ଟଙ୍କା ରଖା ଯାଇ ପାରୁଛି । ଆରବିଆଇ ଏହି ଦୁଇ ହଜାର ଟଙ୍କିଆ ନୋଟ କୁ ନଭେମ୍ବର ୨୦୧୬ ରେ ଆରମ୍ଭ କରିଥିଲା । ଡିମୋନିଟାଇଜେସନ ର ପରେ ପରେ ଏହି ୨୦୦୦ ଟଙ୍କିଆ ନୋଟ କୁ ଆରବିଆଇ ଆରାମ୍ଭ କଲା । ଡିମୋନିଟାଇଜେସନ ସମୟ ରେ ହଜାର ଟଙ୍କିଆ ନୋଟ ଓ ପଞ୍ଚଶହ ଟଙ୍କିଆ ନୋଟ ର ପ୍ରସାର ହଟାଇ ଦିଆଯାଇଥିଲା ତେଣୁ ଏହି ପାଞ୍ଚଶହ ଟଙ୍କିଆ ନୋଟ ଓ ହଜାର ଟଙ୍କିଆ ନୋଟ ହଜିଯିବା ଫଳ ରେ ଯେଉଁ ପ୍ରକାର ମୁଦ୍ରା ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ତାକୁ ଦୁର କରିବା ପାଇଁ ୨୦୦୦ ଟଙ୍କିଆ ନୋଟ କୁ ଆରମ୍ଭ କରାଗଲା ।ବର୍ତ୍ତମାନ ୨୦୦୦ ଟଙ୍କା କୁ ଅଚଳ କରିବା ପାଇଁ ଆରବିଆଇ ନେଇଥିବା ନିଷ୍ପତି ଉପରେ ବିରୋଧି ଦଳ ସରକାରଙ୍କୁ ଘେରିବା ପାଇଁ ବସିଛନ୍ତି । ସରକାର ଙ୍କ କହିବା ମୁତାବକ ଏହି ୨୦୦୦ ଟଙ୍କିଆ ନୋଟ କୁ ଅଚଳ କଲେ ଦେଶରେ ଚାଲିଥିବା କରପସନ ଉପରେ କିଛି ମାତ୍ରା ରେ ଆଙ୍କୁଶ ଲଗାଇ ଯାଇ ପାରିବ ।ଯେତେବେଳେ ୨୦୦୦ ଟଙ୍କିଆ ନୋଟ କୁ ପ୍ରଚଳନ କରାଯାଇଥିଲା ସେତେବେଳେ ମଧ୍ୟ କେନ୍ଦ୍ର ସରକାର ଏହି ଯୁକ୍ତି ଦେଇଥିଲେ ଯେ ଏହି ଦୁଇ ହଜାର ଟଙ୍କିଆ ନୋଟ ର ଯଦି ପ୍ରଚଳନ ହେଉଛି ତାହେଲେ ଦେଶରେ ଚାଲିଥିବା ଭ୍ରଷ୍ଟାଚାର କୁ ରୋକାଯାଇ ପାରିବ । ବର୍ତ୍ତମାନ ସେହି କଥା କୁ ନେଇ ବିରୋଧି ସରକାର ଙ୍କୁ ପ୍ରଶ୍ନ କରୁଛନ୍ତି ଯେ ଏହି ଯୁକ୍ତି କୁ ନେଇ ଯଦି ସରକାର ୨୦୦୦ ଟଙ୍କାର ନୋଟ କୁ ପ୍ରଚଳନ କରିଥିଲେ ଆଜି ପୁଣି ୨୦୦୦ ଟଙ୍କା ର ନୋଟ ପୁଣି ଭ୍ରଷ୍ଟାଚାର ପାଇଁ କିପରି ଦାୟୀ ହେଉଛି ? ଭ୍ରଷ୍ଟାଚାର ମୂଳ ରୁପ ରେ ଏକ ମାନସିକ ତା । ଭ୍ରଷ୍ଟାଚାରୀ ମଣିଷ ଜାଣିଛି ଭ୍ରଷ୍ଟାଚାର କେମିତି କରିବ । ବର୍ତ୍ତମାନ ସିବିଆଇ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପନ୍ତୀ ରାବେଡ଼ି ଦେବୀ ଙ୍କୁ ଚାକିରି ବଦଳରେ ଜାଗା ନେବାର ଦୁର୍ନୀତି ରେ ପଚରା ଉଚରା କରିଛି ସିବିଆଇ ଦ୍ୱାରା କୁହା ଯାଉଛି ଯେ ଲାଲୁ ପ୍ରସାଦ ଯାଦବ ଯେତେବେଳେ ରେଳୱାଇ ମନ୍ତ୍ରୀ ଥିଲେ ସେତେବେଳେ ଲୋକଙ୍କୁ ଚାକିରି ଦେବା ବଦଳ ରେ ସେମାନଙ୍କ ଠାରୁ ଜମି ନେଇଥିଲେ । କିନ୍ତୁ ଟିଏମସି ନେତା ଓ ପଶ୍ଚିମବଙ୍ଗ ର ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଙ୍କୁ ଯେତେବେଳେ ଶିକ୍ଷକ କୁ ଭର୍ତ୍ତି କରିବା ଘୋଟାଲା ରେ ସିବିଆଇ ପାଇଲା ସେତେବେଳେ ପାର୍ଥ ଚାଟାର୍ଜୀ ଙ୍କ ନିକଟତମ ବାନ୍ଧବୀ ଅର୍ପିତା ମୁଖାର୍ଜୀ ଙ୍କ ଘରୁ ୨୩ କୋଟି ଟଙ୍କା ପାଇ ଥିଲା ତା ସହିତ ସୁନା ଗହଣା ମଧ୍ୟ ମିଳିଥିଲା । ତାପରେ ପଶ୍ଚିମବଙ୍ଗ ର ଅନେକ ସ୍ଥାନ ରେ ସିବିଆଇ ଛାପାମାରି କରି ଅନେକ ଟଙ୍କା ପାଇଛି । ସବୁ ସ୍ଥାନ ରେ ୨୦୦୦ ର ଟଙ୍କିଆ ଗୋଲାପି ନୋଟ ସହିତ ପଞ୍ଚଶହ ଟଙ୍କିଆ ନୋଟ ସିବିଆଇ କୁ ମିଳିଛି । ଭ୍ରଷ୍ଟାଚାର ଆମ ଦେଶ ର ସବୁଠାରୁ ବଡ ସମସ୍ୟା ଏବଂ ୨୦୦୦ ଟଙ୍କିଆ ନୋଟ କୁ ଅଚଳ କରି ଦେଶ ରୁ ଯଦି ଭ୍ରଷ୍ଟାଚାର ଲୋପ କରାଯାଇ ପାରିବ ତାଠାରୁ ଭଲକଥା ଆଉ କିଛିନାହିଁ ।ବର୍ତ୍ତମାନ ଦେଶ ରେ ଡିଜିଟେଲ ମାର୍କେଟିଂ ମଧ୍ୟ ଚାଲିଛି । ଲୋକେ ଅନେକ ସ୍ଥାନ ରେ ଅନଲାଇନ ପେମେଣ୍ଟ କରୁଛନ୍ତି କିନ୍ତୁ ଆମେ ଯାହା କଲେ ମଧ୍ୟ ଭ୍ରଷ୍ଟାଚାରୀ ତା ଭିତରେ ଭ୍ରଷ୍ଟାଚାର କରୁଛି ଏବଂ କରିବ ମଧ୍ୟ ।ଇଲେକସନ ସମୟ ରେ ରାଜନୈତିକ ଦଳ ଗୁଡ଼ିକ ଲୋକଙ୍କୁ ପଇସା ବାଣ୍ଟିବା ଖବର ମଧ୍ୟ ମିଳୁଛି । ପ୍ରଥମେ ରାଜନୈତିକ ଦଳ ଯଦି ପ୍ରଲୋଭନ ଦେଇ ଭୋଟ ନେବା ଠାରୁ ବିରତ ହେବେ ତାହେଲେ କିଛି କାଂସ ରେ ଭ୍ରଷ୍ଟାଚାର ବନ୍ଦ ହେବ ।

# ଇସଲାମୀୟ ଖିଲାଫତ ବ୍ୟବସ୍ଥା ବିଶ୍ୱ ଭାଇଚାରା ସୃଷ୍ଟି କରୁଛି



ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଏକ ଚିରନ୍ତନ ସତ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ଯେତେବେଳେ ଧର୍ମର ଗ୍ଲାନି ଘଟି ଅଧର୍ମ ତା'ର ଚରମ ସୀମାକୁ ପହଂଚିଯାଏ । ଠିକ ସେହି ଅନ୍ଧକାର ସମୟରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସଂସାରରେ ଅବତାର ଅବତୀର୍ଣ୍ଣ କରିଥାନ୍ତି । ଯେପରି ଗୀତାରେ ଲେଖାଅଛି, ଯଦା ଯଦା ହି ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତ / ଅଭ୍ୟୁତ୍ଥାନମ୍ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହମ୍ ।।ପରିତ୍ରାଣାୟ ସାଧୂନାଂ, ବିନାଶାୟ ଚ ଦୁଷ୍କୃତମ୍ / ଧର୍ମ ସଂସ୍ଥାପନାର୍ଥାୟ , ସମ୍ଭବାମି ଯୁଗେ ଯୁଗେ ।। ଯାହାଙ୍କ ଦ୍ୱାରା ସେ ନିଜ ସୃଷ୍ଟିକୁ ନିଜ ଆଡ଼କୁ ଟାଣି ଆଣି ନିଜର ପ୍ରକୃତ ରୂପ ଦେଖାଇ ଘୋର ଅନ୍ଧକାରକୁ ଆଲୋକରେ ପରିବର୍ତନ କରି ଦେଇଥାନ୍ତି । ସେହି ଅବତାରମାନେ ପରମେଶ୍ୱରଙ୍କ ନିଜସ୍ୱ ରୂପ ଧାରଣ କରି ଓ ଆଧାତ୍ମିକ ଅମୃତରେ ଅମିୟ ହୋଇ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କ ଭକ୍ତଗଣଙ୍କୁ ସତ୍ ମାର୍ଗ ଦେଖାଇଥାନ୍ତି । ଏବଂ ଅନ୍ୟ ପକ୍ଷରେ ଦୁଷ୍ଟ ମାନଙ୍କୁ ଦମନ କରିବା ସହ ଆଧାତ୍ମିକ ଦୃଷ୍ଟି କୋଣରୁ ଆକ୍ରାନ୍ତ ଥିବା ରୋଗୀ ମାନଙ୍କର ଉତମ ଚିକିତ୍ସା ମଧ୍ୟ କରିଥାନ୍ତି । ଇସଲାମ ଧର୍ମ ଆଦି ଧର୍ମ ଏବଂ ସଂପୂର୍ଣ୍ଣ ଧର୍ମ। ପବିତ୍ର କୋରାନରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ କୁହନ୍ତି;''ଆଜି ଆମେ ତୁମ୍ଭମାନଙ୍କ କଲ୍ୟାଣ ସକାଶେ ତୁମ୍ଭମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କଲୁ । ଏବଂ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଛୁ। ଏବଂ ତୁମ୍ଭମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପରେ ପସନ୍ଦ କରିଛୁ ।'' ତେଣୁ ସେହି ଇସଲାମ ଧର୍ମ ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ସେହି ପବିତ୍ର ଧର୍ମରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ନିଜର ସର୍ବଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କୁ ଅବତୀର୍ଣ୍ଣ କରି ତାଙ୍କ ଦ୍ୱାରା ଧର୍ମବାଣୀର ଉପଦେଶକୁ ସଂପୂର୍ଣ୍ଣ କଲେ । କିନ୍ତୁ ଇସଲାମ ଧର୍ମରେ ସେହି ଧର୍ମ ଉପଦେଶଗୁଡ଼ିକୁ ବିଶ୍ୱବ୍ୟାପି କରିବା ପାଇଁ ତଥା ତାକୁ ପୂର୍ଣ୍ଣ ପ୍ରକାଶ ଓ ପ୍ରଚାର କରିବା ପାଇଁ ବର୍ତମାନର ଯୁଗ ଅର୍ଥାତ୍ କଳି ଯୁଗକୁ ଧାର୍ଯ୍ୟ କଲେ। ଏହି କଳି ଯୁଗରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ଅନୁରୂପ ତଥା ଦାସାନୁଦାସ ମୋହନ ମୋଗଲ ହଜରତ ମିର୍ଜା ଗୁଲାମ ଅହମଦଙ୍କ ସୁସମ୍ବାଦ ଜଣାଇ ପବିତ୍ର କୋରାନବାଣୀରେ କହିଲେ;''ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅତ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି ।''ଏହି ମହାନ ଯୁଗାବତାରଙ୍କ ସମ୍ବନ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍ କହିଥିଲେ ଯେ ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ମଧ୍ୟ ଆରୋହଣ କରିଯିବ ତେବେ ଇରାନୀୟ ବଂଶଜଙ୍କ ମଧ୍ୟରୁ ଜଣେ ବା ତା ଠାରୁ ଅଧିକ ବ୍ୟକ୍ତିଙ୍କ ମାଧ୍ୟମରେ ସେହି ଧର୍ମ ବିଶ୍ୱାସକୁ ଫେରାଇ ଆଣିବେ। ଏହି କଥାରେ ଦୁଇଗୋଟି ଭବିଷ୍ୟବାଣୀ ରହିଛି । ପ୍ରଥମଟି ହେଲା ଯେତେବେଳେ ଇସଲାମ ଧର୍ମର ଗ୍ଲାନି ଘଟିବ, ଧର୍ମବିଶ୍ୱାସରେ ଦୁର୍ବଳତା ପରିଲିଖିତ ହେବ, ତେବେ ସେହି ସମୟରେ ଯୁଗାବତାର ଆସି ପୁନଃ ଧର୍ମସ୍ଥାପନା କରିବେ । ତଥା ସେହି ଯୁଗାବତାରଙ୍କ ମରଣାନ୍ତେ ସେହି ଧର୍ମ ସ୍ଥାପନାର ମହତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଦ୍ୱିତୀୟ ଶକ୍ତି ରୂପେ ଖଲିଫାଙ୍କ ସମୟ କାଳ ଉପନିତ ହେବ । 'ଖଲିଫା'ଶବ୍ଦର ଅର୍ଥ ହେଲା,ଉତରାଧିକାରୀ । ଅବତାରଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟଭାରକୁ ତଥା ସେହି ମିଶନକୁ ସଂପୂର୍ଣ୍ଣ କରିବା ପାଇଁ ଯେଉଁ ବ୍ୟବସ୍ଥା ସ୍ଥାପିତ କରାଯାଏ ତାକୁ ଖିଲାଫତ୍ ବ୍ୟବସ୍ଥା କୁହାଯାଏ । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ମରଣାନ୍ତେ ହଜରତ ଅବୁବକର ସିଦ୍ଦିକ,ହଜରତ ଉମର ଫାରୁକ,ହଜରତ ଉସମାନ ଗନୀ ଏବଂ ହଜରତ ଅଲିଙ୍କ ଖିଲାଫତ୍ ବ୍ୟବସ୍ଥା ଚାଲିଥିଲା । ଠିକ ସେହି ପରି ଭବିଷ୍ୟତବାଣୀ ଅନୁଯାୟୀ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ୧୩୦୦ ବର୍ଷ ପରେ ଯେତେବେଳେ ଇସଲାମ ନାମକୁ ମାତ୍ର ରହିଯିବ, ତାର ପୁନର୍ଉତ୍ଥାନ ନିମନ୍ତେ ଯୁଗବତାର ଆସିବେ ଏବଂ ତାଙ୍କ ପରେ ପୁନର୍ବାର ଖିଲାଫତ ବ୍ୟବସ୍ଥା ସ୍ଥାପିତ ହେବ । ଏହି ପରିପ୍ରେକ୍ଷୀରେ ଅହମଦୀୟା ମୁସଲିମ ଜମାତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଆନ୍ଦୋଳନରେ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦିନ ସାହେବ(୧୯୦୮-୧୯୧୪),ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ(୧୯୧୪-୧୯୬୫),ତୃତୀୟରେ ହଜରତ ମିର୍ଜା ନାସର ଅହମଦ ସାହେବ (୧୯୬୫-୧୯୮୨),ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦ ସାହେବ(୧୯୮୨-୨୦୦୩) ଏବଂ ବର୍ତମାନ ହଜରତ ମିର୍ଜା ମସରୁର ଅହମଦ ସାହେବ (୨୦୦୩ - ଏପର୍ଯ୍ୟନ୍ତ ) ସମ୍ପ୍ରତି ଲଣ୍ଡନରେ ଖିଲାଫତ ଆସନରେ ଅଧିଷ୍ଠିତ ହୋଇଛନ୍ତି । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କର ଏହି ଦ୍ୱିତୀୟ ଶକ୍ତି ଖିଲାଫତ୍‌ର ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଧର୍ମ ଓ ଶାନ୍ତି ସ୍ଥାପିତ ହୋଇଚାଲିଛି । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସ୍ୱୟଂ ଜଣେ ବ୍ୟକ୍ତି ବିଶେଷକୁ ଯେକି ସତ୍ୟବାଦୀ ଏବଂ ଧର୍ମପରାୟଣ ହୋଇଥାଏ, ତାକୁ ଖଲିଫା ନିର୍ବାଚିତ କରିଥାନ୍ତି । ଯେପରି ପବିତ୍ର କୋରାନ କୁହେ; ''ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ରଖନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା (ଉତରାଧିକାରୀ) କରିବେ ଯେପରି ସେ ସେମାନଙ୍କୁ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।'ସୁତରାଂ ବର୍ତମାନ ଅହମଦୀୟା ମୁସଲିମ ସଂପ୍ରଦାୟରେ ଖିଲାଫତର ପରମ୍ପରା ପ୍ରଚଳିତ ରହିଛି। ତଥା ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ରୂପେ କାର୍ଯ୍ୟଭାର ସମ୍ପାଦନ କରି ଚାଲିଛନ୍ତି । ସେ ପାକିସ୍ତାନର ରବୁଆରେ ୧୫ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୭ ମସିହାରେ ପାକିସ୍ତାନର ଫୈସିଲାବାଦ ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ କୃଷି ଅର୍ଥନୀତିରେ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ। ୧୯୭୭ ମସିହାରୁ ସେ ନିଜ ଜୀବନକୁ ମାନବସେବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀର ୨୧୪ ଗୋଟି ରାଷ୍ଟ୍ରରେ ବହୁ ସଂଖ୍ୟାରେ ଦାତବ୍ୟ ଅନୁଷ୍ଠାନ,ଚିକିତ୍ସାଳୟ, ଉପାସନାଗୃହ ନିର୍ମାଣ, ବିଦ୍ୟୁତ ଓ ଜଳ ଯୋଗାଣ ତଥା ଦିନଦରିଦ୍ରଙ୍କୁ ସାହାଯ୍ୟ ଓ ସମର୍ଥନ କରିବା, ଶିକ୍ଷା ଓ ପ୍ରଶିକ୍ଷଣର ଯୋଜନାମାନ କରିଛାଲିଛନ୍ତି । ସେ ପ୍ରକୃତ ଇସଲାମର ସାରଗର୍ଭ ତତ୍ତ୍ୱକୁ ୟୁରୋପ ଓ ଆମେରିକାର ତଥା ବିଭିନ୍ନ ରାଷ୍ଟ୍ରର ସାଂସଦ ଭବନରେ ବିଶ୍ୱ ଶାନ୍ତିସଭା ସ୍ଥାପିତ କରି ପ୍ରକୃତ ଇସଲାମର ମର୍ମସ୍ପର୍ଶୀ ଭାଷଣ ମାଧ୍ୟମରେ ବିଶ୍ୱବ୍ୟାପି ଅଭିଯାନ ଆରମ୍ଭ କରିଛନ୍ତି। ଯଦ୍ଦ୍ୱାରା ଇସଲାମର ଶାନ୍ତି ଓ ସହାବସାନ ବାର୍ତାକୁ ସମାଜର ବିଭିନ୍ନ ବର୍ଗରେ ଲୋକଙ୍କ ମଧ୍ୟରେ ପରିବେଶଣ କରୁଛନ୍ତି । ତଥା ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁମାନଙ୍କୁ ପତ୍ର ମାଧ୍ୟମରେ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ସଚେତନ କରାଉଛନ୍ତି ।ଆଜି ବିଶ୍ୱସମାଜରେ ଅହମଦୀୟା ମୁସଲିମ ସଂପ୍ରଦାୟ ଖିଲାଫତର ସୁବ୍ୟବସ୍ଥା ମାଧ୍ୟମରେ ଏକତା,ଅଖଣ୍ଡତା,ଭାଇଚାରା,ସ୍ନେହ,ସହାନୁଭୂତି,ମାନବସେବା,ବିଶ୍ୱ ଶାନ୍ତି କ୍ଷେତ୍ରରେ ବଳିଷ୍ଠ ପ୍ରୟାସ କରିଚାଲିଛି। ଆସନ୍ତୁ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଖିଲାଫତ୍‌ର ହାତକୁ ସୁଦୃଢ କରିବା ଏବଂ ସର୍ବେ ଭବନ୍ତୁ ସୁଖିନର ପ୍ରେମଭରା ସଂଦେଶ ସାରା ବିଶ୍ୱରେ ପ୍ରସାର କରିବା ।

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ୍

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ)। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ । ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟରେ ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ଼ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ଼ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍‌ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭ୍ୟୁଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

# ଘାସରୁ ହର୍ବାଲ ଚା’

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ହୋଇଥିଲା। ଆଉ ଏହି ଲକ୍‌ଡାଉନ୍ କେତେକଙ୍କ ଜୀବନଜୀବିକା ଉପରେ ଦାଉ ସାଧିଥିଲା। ଏ ନେଇ ପ୍ରାୟ କେତେ ଲୋକ ଚାକିରି ହରାଇଥିବାବେଳେ ବ୍ୟବସାୟୀଙ୍କୁ ମଧ୍ୟ କ୍ଷତିସହିବାକୁ ପଡ଼ିଥିଲା। ମାତ୍ର ଚାକିରି ଚାଲି ଯାଇଥିଲେ ସୁଦ୍ଧା ଏହି ସମୟରେ ହାର ମାନି ନ ଥିଲେ ଉତରାଖଣ୍ଡ ଅଲ୍‌ମୋରା ଜିଲାରେ ରହୁଥିବା ଦାନ ସିଂ। ସେ ଦିଲ୍ଲୀ ମେଟ୍ରୋରେ କାମ କରୁଥିଲେ।



ମାତ୍ର ଲକ୍‌ଡାଉନ୍ ସମୟରେ ସେ ଚାକିରି ହରାଇଥିଲେ। ପରେ ଦାନ ଅନେକ ସ୍ଥାନରେ କାମ ଖୋଜାଖୋଜି ମଧ୍ୟ କରିଥିଲେ। ହେଲେ ତାଙ୍କୁ କୌଣସି ସ୍ଥାନରେ ଆଉ ସୁଯୋଗ ମିଳିଲା ନାହିଁ। ଏହି ସମୟରେ ସେ ନିଜ ଗାଁ ପାହାଡ଼ରେ ଉଠିଥିବା ଘାସରୁ ହର୍ବାଲ ଚା’ ତିଆରି କରିବା ଆରମ୍ଭ କରିଥିଲେ। ଲାଭ ଦେଖି ଉତ୍ପାଦନର ଚାହିଦା ମଧ୍ୟ ବଢ଼ିଥିଲା। ତେବେ ଆଜି ହର୍ବାଲ ଚା’ ବିକ୍ରି କରି ଦାନ ମାସକୁ ଏକ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଭାରତରେ କରୋନା ବିସ୍ତାର ହେବାର କିଛି ଦିନ ପୂର୍ବରୁ ଦାନ ଗାଁକୁ ଆସିଥିଲେ। ଏଭଳି ପରିସ୍ଥିତିରେ ଲକ୍‌ଡାଉନ୍ ହେବାରୁ ସେ ବାହାରକୁ ଯାଇପାରିନଥିଲେ। କରୋନାକୁ ଏଡାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପରାମର୍ଶ ଦିଆଯାଉଥିଲା। ଯାହା ଡିକୋସନ ଏବଂ ହର୍ବାଲ ଚାର ଚାହିଦା ବଢ଼ାଇଥିଲା। ଏହି ସମୟରେ ଦାନ ପର୍ବତରେ ବଢୁଥିବା ଏକ ବିଶେଷ ପ୍ରଜାତିର ଘାସକୁ ଆଣି ଚା ତିଆରି କରିଥିଲେ। ପରେ ଲୋକମାନେ ଥଣ୍ଡା ଜ୍ୱରରେ ଘରୋଇ ଉପଚାର ଭାବରେ ଏହାକୁ ଗ୍ରହଣ କରିବାକୁଲାଗିଲେ। ଦୁଇଥର ପରୀକ୍ଷଣରେ ଦାନ ଏହି ହର୍ବାଲ ଘାସରୁ ଚା ତିଆରି କରିବାର ସଠିକ୍ ଉପାୟ ପାଇଲେ। ଏହାପରେ ସେ ନିଜ ସାଙ୍ଗମାନଙ୍କୁ ଏହି ସୂଚନା ଦେଇଥିଲେ। ଦାନ ସାଙ୍ଗକମାନେ ତୁରନ୍ତ ଏଥିପାଇଁ ଅର୍ଡର ଦେଇଥିଲେ। ଅର୍ଡର ପାଇବା ପରେ ଦାନ ସିଂଙ୍କ ମନୋବଳ ବଢ଼ିଥିଲା। ଏହାପରେ ସେ ଏହି ଚାର ସୂଚନା ସୋସିଆଲ ମିଡିଆରେ ମଧ୍ୟ ଶେୟାର କରିଥିଲେ। ଲୋକମାନଙ୍କୁ ତାଙ୍କର ଉତ୍ପାଦ ବିଷୟରେ ଅବଗତ କରାଇଲେ। ବହୁ ସଂଖ୍ୟକ ଲୋକଙ୍କ ଅର୍ଡର ମଧରଖିଲେ। କିଛି ଦିନ ପରେ ଦାନ ଆମାଜନ ସହିତ ଏକ ଚୁକ୍ତି ମଧ କଲେ। ଦାନ ପ୍ରତିଦିନ ସକାଳେ ପାହାଡ଼କୁ ଯାଇ ଘାସ ଆଣି ଘରକୁ ଆସନ୍ତି। ପରେ ପତ୍ର ତାହାକୁ ଶୁଖାନ୍ତି। ପତ୍ର ଦୁଇ-ତିନି ଦିନରେ ଶୁଖିଲା ପରେ ତାହାକୁ ଗୁଣ୍ଡ କରନ୍ତି। ପ୍ୟାକ୍ ପ୍ରସ୍ତୁତ କରି ସେଥିରେ ଲେମ୍ବୁ, ଅଦା, ତୁଳସୀ ଓ ତେଜପତ୍ର ମିଶାନ୍ତି। ଦାନଙ୍କ ପରେ ଗାଁର ଅନ୍ୟ ଲୋକମାନେ ମଧ୍ୟ ଏହି ଘାସ ବ୍ୟବହାର କରୁଛନ୍ତି। ଏହି ଘାସକୁ କାନ୍ଦାଲି କୁହାଯାଏ। ଦାନ ତାଙ୍କ ଚାକୁ ମାଉଟେନ୍ ଚା ନାମରେ ନାମିତ କରିଛନ୍ତି। ଦାନଙ୍କ ସହିତଅନ୍ୟ ୫ଜଣ ମଧ୍ୟ ଏହି ଚା ତିଆରି କାମରେ ଅଛନ୍ତି। ଏହି ଚା ଉତରପ୍ରଦେଶ, ବିହାର, ରାଜସ୍ଥାନ, ଦିଲ୍ଲୀ ଭଳି ରାଜ୍ୟରେ ଅନେକ ବ୍ୟବହାର କରୁଛନ୍ତି।

# ଚର୍ଚ୍ଚାରେ ଆମି ଜାକସନ୍



ବୋଲ୍ଡନେସ୍‌ର ସବୁ ରେକର୍ଡ ଭାଙ୍ଗି ଅଭିନେତ୍ରୀ ଆମି ଜ୍ୟାକସନ୍ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ସୋସିଆଲ ମିଡିଆରେ ଆମିଙ୍କର ଏକ ବୋଲ୍ଡ ଫଟୋ ଭାଇରାଲ୍ ହେବାରେ ଲାଗିଛି। ନିକଟରେ ଆମି ନିଜର ଫଟୋଶୁଟ୍ କରାଇଛନ୍ତି। ଆଉ ସୋସିଆଲ ମିଡିଆରେ ସେହି ଫଟୋଶୁଟ୍‌ରୁ ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋ ସେ ବହୁତ ବୋଲ୍ଡ ଅବତାରରେ ନଜର ଆସିଛନ୍ତି। ଆମି ଏହା ପୂର୍ବରୁ ମଧ୍ୟ ବହୁ ବୋଲ୍ଡ ଫଟୋ ଶେୟାର କରିଛନ୍ତି। କିନ୍ତୁ ଏହି ଫଟୋରେ ତାଙ୍କ ଷ୍ଟାଇଲ ସମ୍ପୂର୍ଣ୍ଣ ଅଲଗା। ଏଥିରେ ସେ ଟପ୍‌ଲେସ୍ ନଜର ଆସିଛନ୍ତି। ଆମିଙ୍କ ଏହି ନ୍ୟୁଡ୍ ଫଟୋଟି ଟ୍ରେଣ୍ଡିଂରେ ରହିଛି। ତାଙ୍କ ଫିଟ୍‌ନେସ୍ ଓ ଚେହେରାର ଚମକ ସମସ୍ତଙ୍କୁ ମତୁଆଲା କରିଦେଇଛି। ଏ ପର୍ଯ୍ୟନ୍ତ ଫଟୋଟିକୁ ଚାଲି ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଛନ୍ତି। ଫ୍ୟାନ୍‌ମାନେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ସୂଚନାଯୋଗ୍ୟ, ଆମିଙ୍କ ପୂର୍ବରୁ ଅଭିନେତା ମିଲିନ୍ଦ ସୋମେନ ମଧ୍ୟ ନିଜର ଏକ ନ୍ୟୁଡ୍ ଫଟୋ ସୋଶାଲ ମିଡିଆରେ ଶେୟାର କରିଥିଲେ। ନିଜ ଜନ୍ମଦିନ ଅବସରରେ ସେ ସମୁଦ୍ର କୂଳରେ ଦୌଡୁଥିବାର ଏକ ଫଟୋ ପୋଷ୍ଟ କରିଥିଲେ, ଯେଉଁଥିରେ ମିଲିନ୍ଦଙ୍କୁ ବିନାପୋଷାକରେ ଦେଖିବାକୁ ମିଳିଥିଲା।

# କାଶ-ଥଣ୍ଡାରୁ ମୁକ୍ତିଦିଏ ନଡ଼ିଆ ତେଲ

ସମଗ୍ର ବିଶ୍ୱ ନଡ଼ିଆର ଗୁଣ ଓ ଗୁରୁତ୍ୱକୁ ବୁଝିସାରିଛି। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ନଡ଼ିଆ ପାଣିଠୁ ଆରମ୍ଭ କରି ଫଳ ଓ ଏହାର ତେଲ ଯାଏଁ ସବୁ ଜିନିଷ ଆମକୁ ସୁସ୍ଥ କରିଥାଏ। ଦକ୍ଷିଣ ଭାରତରେ ନଡ଼ିଆ ତେଲରେ ଲୋକେ ଖାଦ୍ୟ ରୋଷେଇ କରିଥାନ୍ତି। ଯଦି ଆପଣ ବି ସୁସ୍ଥ ଜୀବନଶୈଳୀ ଚାହୁଁଛନ୍ତି ତେବେ ନିଜ ଡାଏଟ୍‌ରେ ନଡ଼ିଆ ତେଲ ସାମିଲ କରାନ୍ତୁ। ଖାଇବାରେ ନଡ଼ିଆ ତେଲ ସାମିଲ କରିବା ଦ୍ୱାରା ଆପଣଙ୍କୁ ହୃଦୟଠୁ ନେଇ ପାଚନ ତନ୍ତ୍ର ଯାଏଁ ଅନେକ ରୋଗରୁ ଫାଇଦା ମିଳିଥାଏ। ଆସନ୍ତୁ ଜାଣିବା ଏହାର ଗୁଣ ବିଷୟରେ।

ନଡ଼ିଆ ତେଲ ଆମ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ୍ କରିଥାଏ ଏବଂ କାଶ-ଥଣ୍ଡା ସମେତ ଅନେକ ଭାଇରାଲ୍ ରୋଗରୁ ଆମକୁ ବଂଚାଇ ଥାଏ। ନଡ଼ିଆ ତେଲ ଶରୀରରେ ପ୍ରବେଶ କରୁଥିବା ଖରାପ ବ୍ୟାକ୍ଟେରିଆ ସହ ଲଢ଼ିଥାଏ ଏବଂ ପେଟକୁ ମଧ୍ୟ ସଂକ୍ରମଣରୁ ରକ୍ଷା କରିଥାଏ। ନଡ଼ିଆ ତେଲକୁ ଡାଏଟ୍‌ରେ ସାମିଲ କରିବା ଦ୍ୱାରା ଆପଣ ମେଦ ବହୁଳତାର ଶିକାର ହୋଇନଥାନ୍ତି। ଏହା ବ୍ୟବହାର କରିବା ଦ୍ୱାରା ମେଟାବଲିଜମ୍ ଠିକ୍ ରହିଥାଏ ଏବଂ ଖୁବ୍ ଶ୍ରୀଘ୍ର ଫ୍ୟାଟ୍ ବର୍ନ ହୋଇଥାଏ। ଯଦି ଆପଣ ଓଜନ କମ୍ କରିବାକୁ ଚାହୁଁଛନ୍ତି ତେବେ ଫ୍ୟାନ୍ ବର୍ନ ହେବା ଜରୁରୀ। ଏପରି ଖାଇବା ଦ୍ୱାରା ନଡ଼ିଆ ତେଲ ବ୍ୟବହାର କରିବା ଲାଭଦାୟକ ଅଟେ। ନଡ଼ିଆ ତେଲରେ ରୋଷେଇ କରିବା ଦ୍ୱାରା ଆପଣଙ୍କ ପାଚନ



ତନ୍ତ୍ର ମଜଭୁତ୍ ହୋଇଥାଏ। ଆପଣଙ୍କୁ ବଦ୍‌ହଜମୀ ଏବଂ ଗ୍ୟାସ୍ ଭଳି ପେଟ ସମସ୍ୟା ହେବ ନାହିଁ। ପେଟ ସମ୍ବନ୍ଧିତ ଅନ୍ୟ ରୋଗରେ ଏହା ସେବନ କଲେ ଲାଭଦାୟକ ହେବ। ନଡ଼ିଆ ତେଲ କିଟୋନ୍ସ ଉତ୍ପାଦନ କରିଥାଏ। କିଟୋନ୍ସ ଆମ ଶରୀରର ସୁସ୍ଥ ସେଲ୍ସକୁ ଶକ୍ତି ପ୍ରଦାନ କରିଥାଏ। କ୍ୟାନ୍‌ସର ସେଲ୍ସକୁ ଶରୀରର ଅନ୍ୟ ମଜଭୁତ୍ ସେଲ୍ସକୁ ଏଥିରୁ ଶକ୍ତି ମିଳିଥାଏ। ଏପରି କ୍ଷେତ୍ରରେ ନଡ଼ିଆ ତେଲକୁ ଖାଦ୍ୟରେ ବ୍ୟବହାର କରିବା ଦ୍ୱାରା ଶରୀର ସୁସ୍ଥ ହୋଇଥାଏ ଏବଂ କ୍ୟାନ୍‌ସର ଭଳି ମାରାତ୍ମକ ରୋଗରୁ ମୁକ୍ତି ମିଳିଥାଏ। ନଡ଼ିଆ ତେଲକୁ ଡାଏଟ୍‌ରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ହାର୍ଟ ସମସ୍ୟା ହୋଇନଥାଏ। ନଡ଼ିଆ ତେଲରେ ଲରିକ୍ ଏସିଡ୍ ରହିଥାଏ ଯାହା ଉପଯୁକ୍ତ କୋଲେଷ୍ଟ୍ରୋଲ ପାଇଁ ଲାଭଦାୟକ। ଶରୀରରେ ଉପଯୁକ୍ତ କୋଲେଷ୍ଟ୍ରୋଲ ମାତ୍ରା ବଢ଼ିବା ହାର୍ଟ ସମସ୍ୟା ହୋଇନଥାଏ। ଏହା ଦାନ୍ତ ଓ ହାଡ଼କୁ ମଜଭୁତ୍ କରିଥାଏ। ଖାଦ୍ୟରେ ନଡ଼ିଆ ତେଲ ବ୍ୟବହାର କରିବା ଦ୍ୱାରା ଶରୀରେ ମାଗ୍ନେସିୟମ୍ ଏବଂ କ୍ୟାଲସିୟମ୍‌ର ମାତ୍ରା ବଢ଼ିଥାଏ। ଏହାଦ୍ୱାରା ହାଡ଼ ମଜଭୁତ୍ ଏବଂ ହାଡ଼ ସମ୍ବନ୍ଧିତ ରୋଗ ହୋଇନଥାଏ। ସେହିପରି ନଡ଼ିଆ ତେଲର ଆହୁରି ଅନେକ ଫାଇଦା ରହିଛି। କେଶରେ ନଡ଼ିଆ ତେଲ ଲଗାଇବା ଦ୍ୱାରା କେଶ ଲମ୍ବା ଏବଂ ଘନ ହୋଇଥାଏ। ଏହା ଆମ ତ୍ୱଚା ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ନଡ଼ିଆ ତେଲରେ ମସାଜ କରିବା ଦ୍ୱାରା ତ୍ୱଚା ଚମକିଥାଏ ଏବଂ ଆଂଟି ଅକ୍ସିଡାଂଟ ଗୁଣ କାରଣରୁ ତ୍ୱଚାରେ ଚର୍ମକୁଂଚନ ଦୂର ହୋଇଥାଏ।

# କାର ନେଇ ଫେରାର ହେଲେ ଦୁଇ ନାବାଳକ ପ୍ରେମିକ

ଜଣେ ୧୪ ବର୍ଷର ନାବାଳକ ନିଜ ୧୧ ବର୍ଷର ପ୍ରେମିକାକୁ କାରରେ ନେଇ ଘରୁ ଫେରାର ହୋଇଯାଇଛି। ପୁଅଟି ଚୁପ୍‌କରି ବାପାଙ୍କ କାର ବାହାର କରିଥିଲା ଏବଂ ନିଜେ ଡ୍ରାଇଭ କରି ଘରୁ ଫେରାର ହୋଇଯାଇଥିଲା। ସେ ହାଇୱେରେ ଦ୍ରୁତ ଗତିରେ କାର ଚଳାଇଥିଲା। ୧୧ବର୍ଷର ଗର୍ଲଫ୍ରେଣ୍ଡକୁ ସାଥିରେ ନେଇ ଘରୁ ଚାଲିଯବାର ଘଟଣାଟି ଘଟିଛି ଆମେରିକାର ନ୍ୟୁୟର୍କରେ। ନାବାଳକ ୧୯୦୦ କିଲୋମିଟର ଦୂରକୁ ପହଂଚି ସାରିଥିବା ପରେ ପୋଲିସ ତାକୁ ଧରିବାରେ ସଫଳ ହୋଇଥିଲା। ୧୪ ବର୍ଷୀୟ ବାଳକର ନାଁ ଫିଗୁରୋସ୍। ସେ ନ୍ୟୁୟର୍କରୁ ଆୟୋଭା ରାଜ୍ୟକୁ ପହଂଚି ଯାଇଥିଲା। ରବିବାର ଆୟୋଭାରେ ତାକୁ ଧରାଯାଇଥିଲା। ଏବେ ତାକୁ ନ୍ୟୁୟର୍କ ଆଣିବାକୁ ପ୍ରସ୍ତୁତି କରାଯାଉଛି। ପରିବାର ଲୋକେ ପୋଲିସକୁ ତାଙ୍କ ପୁଅ ନିଖୋଜ ହେବାର ସୂଚନା ଦେଇଥିଲେ। ନାବାଳକ ନିଜ ବାପାଙ୍କ ଟୋୟୋଟା କମ୍ପାନୀର ମିନିଭ୍ୟାନ୍ ନେଇ ଘରୁ ଚାଲିଯାଇଥିଲା। ପୋଲିସ କହିବା ଅନୁସାରେ ସେହି ରାସ୍ତାରେ ସ୍ପିଡ୍ ଲିମିଟ୍ ୧୦୪ କି.ମି ପ୍ରତି ଘଂଟାରେ ଥିବାବେଳେ ପୁଅଟି ୧୫୦ କି.ମି. ବେଗରେ ଗାଡ଼ି ଚଳାଇଥିଲା।





# ତେଲଗୁ ଇଣ୍ଡଷ୍ଟ୍ରିରେ ଉର୍ବଶୀ



ଜନ୍ମଦିନକୁ ସମସ୍ତେ ସ୍ପେଶାଲ କରିବା ପାଇଁ ଚାହାନ୍ତି। ଏଥିଲାଗି କିଏ ବାହାରକୁ ବୁଲିବାକୁ ଯାଆନ୍ତି ତଆଉ କିଏ ସାଙ୍ଗସାଥିଙ୍କ ସହ ମିଶି ପାର୍ଟି କରନ୍ତି ଏବଂ କେକ୍ ମଧ୍ୟ କାଟନ୍ତି। ଅଭିନେତା ଅଭିନେତ୍ରୀମାନେ ମଧ୍ୟ ନିଜ ଜନ୍ମ ଦିନକୁ ଖାସ ଦିନ କରିବା ପାଇଁ ବିଶେଷ ପ୍ଲାନିଂ କରିଥାନ୍ତି। ନିକଟରେ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ନିଜ ଜନ୍ମଦିନ ଅବସରରେ କେକ୍ ବଦରେ କାଟିବାକୁ ପଡିଛି ୧୦ କିଲୋ ପିଆଜ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲହେବାରେ ଲାଗିଛି। ପିଆଜ କାଟୁଥିବାର ଭିଡିଓକୁ ଉର୍ବଶୀ ନିଜେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଂଟ୍‌ରେ ସେୟାର କରିଛନ୍ତି। ଏହି ଭିଡିଓରେ ସେ ଜଣେ ହୋଟେଲର ସେଫ୍‌ଙ୍କ ସହ ମିଶି ପିଆଜ କାଟୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ସେୟାର କରି ଉର୍ବଶୀ ଲେଖିଛନ୍ତି, ମୋ ଜନ୍ମ ଦିନ ଅବସରରେ ମୋତେ ୧୦ କିଲୋ ପିଆଜ କଟାଇଥିବାରୁ ଧନ୍ୟବାଦ। ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଏହାକୁ ତାଙ୍କ ପ୍ରଶଂସକଙ୍କମାନେ ଖୁବ୍ ପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ସର୍ବଦା ନିଜ ସୁନ୍ଦରତା ଏବଂ ଗ୍ଲାମରସ୍ ଲୁକ୍‌କୁ ନେଇ ଚର୍ଚ୍ଚାରେ ରୁହନ୍ତି ଉର୍ବଶୀ। ସେ ଖୁବ୍ କମ୍ ବୟସରୁ ହିଁ ମଡେଲିଂ ଦୁନିଆରେ ପାଦ ରଖିଥିଲେ। କେବଳ ସେତିକି ନୁହେଁ ୨୦୧୫ ରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ସେ ଭାଗ ମେଧ ନେଇଥିଲେ। ସେ ଏହି ପ୍ରତିଯୋଗିତା ଜିତିଥିଲେ କିନ୍ତୁ ବୟସ କମ୍ ଥିବାରୁ ତାଙ୍କୁ ତାଙ୍କ ମିସ୍ ୟୁନିଭର୍ସ ମୁକୁଟ ଫେରାଇବାକୁ ପଡିଥିଲା। ଏହାପରେ ସେ ‘ସିଙ୍ଗ ସାହେବ ଦି ଗ୍ରେଟ୍’ ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହାପରେ ସନମରେ, ଗ୍ରେଟ୍ ଗ୍ରାଣ୍ଡ ମସ୍ତି, ହେଟ ଷ୍ଟୋରୀ-୪, ପାଗଲପନ୍ତି ଆଦି ଫିଲ୍ମରେ କାମ କରି ସାରିଛନ୍ତି। ବର୍ତମାନ ସେବ୍ଲାକ ରୋଜ୍ ଫିଲ୍ମ ଜରିଆରେ ତେଲଗୁ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି।

# ପ୍ରାଣଘାତୀ ଉଚ୍ଚ ରକ୍ତଚାପ



ରକ୍ତଚାପ ଆଜିକାଲି ସମୟର ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅଧାରୁ ଅଧିକା ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରକ୍ତ ନଳୀରେ ରକ୍ତ ପ୍ରବାହର ଅସ୍ୱାସ୍ଥ୍ୟକର ବୃଦ୍ଧି ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରତ୍ୟେକ ୫ଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଉଚ୍ଚ ରକ୍ତଚାପ ଜନିତ ସମସ୍ୟାରେ ପୀଡିତ। ଏହି ସମସ୍ୟା ପାଇଁ ବିଶ୍ୱରେ ୯.୪ ମିଲିୟନ୍ ବ୍ୟକ୍ତିଙ୍କ ମୃତ୍ୟୁ ହୋଇସାରିଲାଣି। ସ୍ୱଳ୍ପ ଆୟପୂର୍ଣ୍ଣ ଦେଶମାନଙ୍କରେ ଏହି ସମସ୍ୟା ବିଶେଷ ଦେଖିବାକୁ ମିଳିଥାଏ। ଜିନ୍, ପରିବେଶ, ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା, ହରମୋନ୍ ଅସନ୍ତୁଳନ ଏବଂ ଶାରୀରିକ ନିଷ୍କ୍ରିୟତା ସହିତ ଅନେକ ଉଚ୍ଚ ରକ୍ତଚାପର କାରଣ ବନିଥାନ୍ତି। ଛାତି ଯନ୍ତ୍ରଣା, ମୁଣ୍ଡବିନ୍ଧା, ଛୋଟ ନିଃଶ୍ୱାସ ଆଦି ରକ୍ତଚାପର ଲକ୍ଷଣ ହୋଇଥାଏ। ଉଚ୍ଚ ରକ୍ତଚାପର ମୁକାବିଲା ପାଇଁ ସୁସ୍ଥ ଖାଦ୍ୟ ସହିତ ଏକ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ରହିଛି। ପନିପରିବା, ଫଳ, ପ୍ରୋଟିନ୍ ଏବଂ ଶସ୍ୟ ଅନ୍ତର୍ଭୁକ୍ତ ଖାଦ୍ୟ ଖାଇଲେ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ଯଦି ଆପଣଙ୍କର ମଦ୍ୟପାନ କିମ୍ବା ଅନ୍ୟ କୌଣସି ନିଶା ଅଭ୍ୟାସ ଅଛି ତେବେ ଏହାକୁ ସମ୍ପୂର୍ନ ରୂପେ ଛାଡ଼ିବାକୁ ହେବ। ନିଶା ସେବନ ରକ୍ତଚାପର ପ୍ରମୁଖ କାରଣ ହୋଇଥାଏ। ମାନସିକ ଚାପ ମଧ୍ୟ ରକ୍ତଚାପର କାରଣ ହୋଇଥାଏ। ଯେତେ ପାରୁଛନ୍ତି ଚିନ୍ତା କରିବା ତ୍ୟାଗ କରନ୍ତୁ। ଯେତେ ଅଧିକ ଚିନ୍ତା କରିବେ ସେତେ ଅଧିକ ଦୁର୍ବଳ ହୋଇପଡ଼ିବେ। ନିୟମିତ ବ୍ୟାୟାମ କରିବା ଦ୍ୱାରା ମଧ୍ୟ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ବ୍ୟାୟାମକୁ ଆପଣଙ୍କ ନୀତିଦିନିଆ କାର୍ଯ୍ୟ ତାଲିକାରେ ସାମିଲ କରନ୍ତୁ।

# ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

**ଛତ୍ରପୁର , ୧୮/୧ (ନି.ପ୍ର):** ରାଜସ୍ୱ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ସରକାର ଯତ୍ନବାନ । ମହିଳା ମାନଙ୍କୁ ସଶକ୍ତିକରଣ କରାଯାଇଅଛି । ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକ୍ରୟ କାରବାର ନିମନ୍ତେ ଇଚ୍ଛା ପ୍ରକାଶକରୁ ନାହାନ୍ତି, ସେମାନଙ୍କୁ ବାଦ ଦେଇ ଅନ୍ୟ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ସେହି ସୁଯୋଗ ଦେବା ସକାଶେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚାଷୀଙ୍କ ଦ୍ୱାରା ଉତ୍ପାଦନ ଧାନର ମାନ ସେମାନେ ବ୍ୟବହାର କରୁଥିବା ଚାରା ଉପରେ ନିର୍ଭର କରେ । ସେମାନେ ଯେଉଳି ଉତ୍ତମ ମାନର ଚାରା ବ୍ୟବହାର କରିଥିବେ ସେହି ଅନୁସାରେ ଅମଳ ହୋଇଥାଏ । ଏଣୁ ଉତ୍ତମ ଚାରାର ବ୍ୟବହାର ଦିଗରେ ଗୁରୁତ୍ୱ ଆରୋପ କରିଥିଲେ । ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ । ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବିଭାଗ ସମେତ ଧାନ କ୍ରୟ, ଶିଳ୍ପ ଏବଂଅନ୍ୟାନ୍ୟ ବିଭାଗର କାର୍ଯ୍ୟକାରିତା ଘେନି ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ସମେତ ଜିଲ୍ଲାର ସମସ୍ତ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ରାଜସ୍ୱ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା କରଣ ନେଇ ଆଲୋଚନା ହୋଇଥିଲା । ଧାନ ସଂଗ୍ରହ ସକାଶେ ୩୬୬ ଗୋଟି ପ୍ୟାକ୍ସ, ୧୧୧ଗୋଟି ମହାଳା ସ୍ୱୟମ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତ ଏଭଳି ସମୁଦାୟ ୪୭୮ ଗୋଟି ପ୍ୟାକସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ । ସମୁଦାୟ ୩୬୧ ଗୋଟି ମିଲ୍ ରେ ଧାନ ପ୍ରକ୍ରିୟା କରଣ କରିବାର ବ୍ୟବସ୍ଥା କରାଯାଇଛି ।



୧୪୬୫୦୪ ଜଣ ଖରିଫ୍ ଧାନ ବିକ୍ରୟ କରିବା ସକାଶେ ପଞ୍ଜିକରଣ କରିଥିବା ସ୍ଥଳେ ସମସ୍ତ ଚାଷୀଙ୍କର ତଥ୍ୟ ଡିଆରସିଏସ୍/ଏଆରସିଏସ୍ ଦ୍ୱାରା ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି । ତା.୧୬.୦୧.୨୦୨୫ ରିଖ ସୁଦ୍ଧା ୪୩୫ପ୍ୟାକସ୍ ଦ୍ୱାରା ୪୦୭୯ କୃଷକଙ୍କ ଦ୍ୱାରା ୧୭୩୪୨୪.୪୭ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଉଥିବା ଘେନି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଚଳିତ ମାସ ୩ ତାରିଖରୁ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ହୋଇଥିବା ଅଞ୍ଚଳରେ ଚାଷୀ ମାନଙ୍କର ଧାନର ସ୍ଥିତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଜାଣିବାକୁ ଚାହିଁଥିଲେ । ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଧାନକ୍ରୟ କାର୍ଯ୍ୟ ଶେଷ ହୋବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଯେଉଁ ଚାଷୀ ମାନଙ୍କର ଧାନ ଗମିଯାଇଛି ସେଗୁଡିକ ମଧ କ୍ରୟ କରିବା ଦିଗରେ ଚାଷୀଙ୍କ ଠାରେ ସ୍ୱଷ୍ଟ କରାନ୍ତୁ ବୋଲି ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଅବଗତ କରାଇଥିଲେ । ସରକାର ଚାଷୀ ମାନଙ୍କୁ ସହାୟତା ଦେବା ସକାଶେ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ ସ୍ୱଷ୍ଟ କରି କହିଥିଲେ । ଗଞ୍ଜାମ ଜିଲ୍ଲାରେ ଯଥେଷ୍ଟ ମଣ୍ଡି ନାହିଁ । ଟେଣ୍ଡର ଆହ୍ୱାନ କରି ନୂତନ ମଣ୍ଡି କରାଯିବ । ଆସନ୍ତା ଖରିଫ୍ ବେଳକୁ ମଣ୍ଡି ପ୍ରସ୍ତୁତ ହୋଇଯାଇଥିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ରାଜସ୍ୱ ବିଭାଗର ମ୍ୟୁଟେସନ୍ ଓଏଲଆର୍, ବସୁନ୍ଧରା ଶିକ୍ଷାନୁଷ୍ଠାନ ଗୁଡିକୁ ପଟ୍ଟା ପ୍ରଦାନ, ଜମି ଅଧିଗ୍ରହଣ, ଗ୍ରାମ କଣ୍ଠ ପରମ ଭୋକ, ରାଜସ୍ୱ ଆଦାୟ ଇତ୍ୟାଦି ବ୍ୟତୀତ ତହସିଲ କାର୍ଯ୍ୟାଳୟର ସେବା ତଥା ଷ୍ଟାଫ୍ ସମପର୍କିତ ସମସ୍ୟା ସମାଧାନ ଗୁଡିକ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାର ସମସ୍ତ ତହସିଲରେ ସମୁଦାୟ ୭୦୩ ଗୋଟି ମ୍ୟୁଟୋସନ୍ ମକଦ୍ଦମା ରୁଜୁ ହୋଇଥିବା ବେଳେ ୬୨୯ ଗୋଟିର ଫଇସଲା ଶେଷ ହୋଇଛି । ବସୁନ୍ଧରା ଯୋଜନାରେ ୮୬୬୭ଗୋଟି ଆବେଦନ ହସ୍ତଗତ ହୋଇଥିବା ଆବେଦନ ମଧ୍ୟରୁ ୧୬୪୩ ଗୋଟି ହିତାଧିକାରୀଙ୍କ ପଟ୍ଟା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତନ୍ମଧ୍ୟରୁ ୭୫୭ ଜଣଙ୍କର ପଟ୍ଟା ଚଳିତ ମାସ ଶେଷ ସୁଦ୍ଧା ପ୍ରଦାନ କରାଯିବା ସକାଶେ ସ୍ଥିର ହୋଇଛି । ଆଦିବାସୀ ଜମିକୁ ଅଣ ଆଦିବାସୀ ଯଦି ଅକ୍ତିଆର କରିଛନ୍ତି ତେବେ କ୍ଷେତ୍ର ପରିଦର୍ଶନ କରି ସେଗୁଡିକ ତଦନ୍ତ କରି ଆଦିବାସୀ ଜମି ଗୁଡିକ ଯେଭଳି ଆଦିବାସୀଙ୍କ ଦଖଲରେ ରହିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ପଟ୍ଟା ପ୍ରଦାନ ଦିଗରେ ଆର. ଆଇ., ଅମିନ ଗଣ ତରବରିଆ ଯାଂଚ୍ ନକରି ସଠିକ ସମୟ. ନେଇ ଯାଂଚ୍ କରନ୍ତୁ ବୋଲି କୁହାଯାଇଥିଲା । ହିତାଧିକାରୀଙ୍କ ପରିବାର ବର୍ଗଙ୍କୁ ଦିଆଯାଉଥିବା ସରକାରୀ ଜମି ସେମାନଙ୍କର ଆବଶ୍ୟକତା କରୁଥିବା ଅଞ୍ଚଳରେ ଦିଆଗଲେ ସେମାନେ ପ୍ରକୃତ ଦଖଲ କରି ସେମାନଙ୍କର ଚାହିଦାକୁ ପୂରଣ କରିବେ । ତାହାକୁ ଆକଳନ କରି ପଟ୍ଟା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜଣାଇଥିଲେ । ଯେଉଁ ସବୁ ଶିଳ୍ପ ପ୍ରତିଷ୍ଠାନକୁ ଶିଳ୍ପ ପ୍ରତିଷ୍ଠା ପାଇଂ ସରକାରୀ ଜାଗା ଦିଆଯାଇଛି, ଯଦି ସେଗୁଡିକ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି ବା କମ୍ ସ୍ଥାନରେ ଶିଳ୍ପ କରିଛନ୍ତି ଆଉ ଅନେକ ସ୍ଥାନ ବ୍ୟବହାର ହେଉ ନାହିଁ ସେଗୁଡିକୁ ପୁନର୍ବାର ରାଜସ୍ୱ ବିଭାଗର ଦଖଲକୁ ଆଣିବାକୁ କହିଥିଲେ । ସେହିଭଳି ଯେଉଁ ବିଭାଗକୁ ରାଜସ୍ୱ ବିଭାଗର ଜାଗା ଦିଆଯାଇଛି ବ୍ୟବହାର ହେଉନାହିଁ କି ଅଳ୍ପ ବ୍ୟବହାର କରିଛନ୍ତି ବଳକା ଜାଗା ଗୁଡିକ ମଧ ରାଜସ୍ୱ ବିଭାଗ ଫେରାଇ ଆଣନ୍ତୁ ବୋଲି କୁହାଯାଇଛି । ଅନେକ ବିଜ୍ଞାପିତ ଅଞ୍ଚଳରେ ଲୋକଙ୍କ ପଟ୍ଟା ନାହିଁ । ପଟ୍ଟା ନଥିବା ଯୋଗୁଁ ସେମାନେ ଅନେକ ଅସୁବିଧା ଭୋଗୁଛନ୍ତି ସେହି ଅଞ୍ଚ୍ଳେଳ ଗୁଡିକରେ ହାଇଟେକ୍ ସର୍ଭେ କରି ମିସ୍ ମ୍ୟାଚ୍ ସମସ୍ୟାର ସମାଧାନ କରି ପଟ୍ଟାଦେବାକୁ ପଦକ୍ଷେପ ଗ୍ରହଣ କରାଯିବ । ଗ୍ରାମ କଣ୍ଠ ପରମ ଭୋକ୍ତ ପଟ୍ଟା ପ୍ରଦାନ ସକାଶେ ଏକ ବର୍ଷ ମଧ୍ୟରେ ସର୍ଭେ କାମ କରିବା ସକାଶେ ମ୍ୟାନ ପାୱାର ବୃଦ୍ଧି କରାଇବେ । ଓଆରଏସ୍ ଏ ଓଏଏସ୍ ମାନଙ୍କୁ ଫିଲ୍ଡ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ରାଜସ୍ୱ ବିଭାଗକୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବା ଘେନି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଛତ୍ରପୁର ତହସିଲ ଓ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟର ଦୁର୍ନୀତିକୁ ନେଇ ବିଭିନ୍ନ ଉଚ୍ଚପଦାଧିକାରୀଙ୍କ ନିକଟରେ ଅଭିଯୋଗ

**ଛତ୍ରପୁର୧୮/୧ (ନି.ପ୍ର):** ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି । ଜମି ମାଫିଆ, ବ୍ୟବସାୟୀ, ସବ୍ ?ରେଜିଷ୍ଟ୍ରାର କାର୍ଯ୍ୟାଳୟ ଏବଂ ରାଜସ୍ୱ ନିରୀକ୍ଷକଙ୍କ ସହିତ ସଲାସୁତୁରା କରି ଚାଲୁଛି କେଳେଙ୍କୋରୀ । ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ ଛତ୍ରପୁର ମୌଜାରେ ଅବସ୍ଥିତ ପ୍ଲଟ ସଂଖ୍ୟା ୩୩୬ ଉପରେ ଅନେକ ଦାବିଦାର ରହିଥିବା ବେଳେ ମୂଳ ପଟ୍ଟାର ଏକ ବାଇ ସଂଖ୍ୟା ୩୩୬/୨୦୧୬ ଅଲୌକିକ ଭାବେ ସୃଷ୍ଟି କରାଯାଇ ୩୩୬ ମୂଳ ଏବଂ ୩୩୬/୨୦୧୬(ଭୂତଜମି)କୁ ମିଶାଇ ସେଥିରୁ ମୋଟ ୪୯୦ ଡେସିମିଲ ଅତ୍ୟଧିକ ଜମି କିଣାବିକା ହୋଇଛି । ସେହି ଭୂତ ଜମି କେବଳ କାଗଜ କଲମରେ ପୋଥୀଗତ ରହିଥିବା କାରଣରୁ ପୂର୍ବରୁ କିଣିଥିବା ମୂଳ ପଟ୍ଟାଧାରୀଙ୍କ ଜମିକୁ ଜବରଦଖଲ କରିଛନ୍ତି ମାଫିଆ । ପୂର୍ବରୁ କିଣିଥିବା ଆବେଦନକାରୀଙ୍କୁ ଜମି ଡିମାରକେସନ୍ କରି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ତହସିଲଦାର । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ କାରଣରୁ ବ୍ୟବସାୟୀ ମୂଳ ଜମିଠାରୁ ଅଧିକ କିଣାବିକା କରି ଲକ୍ଷ ଲକ୍ଷ ଟଙ୍କା ହାତେଇ ଚୁପ ବସିଛନ୍ତି । ତହସିଲଦାର ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୁଣ୍ଠା ପ୍ରକାଶ କରୁଥିବା ବେଳେ ମୂଳ ପୁରୁଣା ପଟ୍ଟାଧାରୀ ହନ୍ତସନ୍ତ ହେଉଛନ୍ତି । ଡିମାରକେସନ୍ ପାଇଁ ଆବେଦନ କରି ତହସିଲଦାରଙ୍କ ଆଦେଶ ପାଇବା ପରେ ମଧ୍ୟ ରାଜସ୍ୱ ନିରୀକ୍ଷକ ସଂପୃକ୍ତ ଜମିକୁ ଚିହ୍ନଟ କରିବାରେ ଅସମର୍ଥ ରହିଛନ୍ତି । ଏହାର ଆସୁ ସମାଧାନ ପୂର୍ବକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ପ୍ରାଥମିକତା ଆଧାରରେ କ୍ରୟ କରିଥିବା ଜମି ମାଲିକଙ୍କୁ ତୁରନ୍ତ ସେମାନଙ୍କ ହକ୍ ପ୍ରଦାନ କରିବା ପାଇଁ ଦାବି ହୋଇଛି । ଅନ୍ୟପକ୍ଷରେ ଏ ସମ୍ବନ୍ଧରେ ୩୩୬ ପ୍ଲଟର ମୋଟ ୨୩୬୦ ଡେସିମିଲ୍ ଜମିର ପୁରୁଣା ଅଁଶଦାରମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲା ଭିଜିଲାନ୍ସ ଅଧୀକ୍ଷକ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ସଂପୃକ୍ତ ତହସିଲଦାରଙ୍କୁ ମଧ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । କିଛିବର୍ଷ ପୂର୍ବେ ତତ୍କାଳୀନ ତହସିଲଦାର, ଜିଲ୍ଲା ଉପନିବନ୍ଧକ ତଥା ରାଜସ୍ୱ ନିରୀକ୍ଷକଙ୍କ ଚଂଚକତା କାରଣରୁ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ଜମି କାରବାର କରି ସେହି ଜମିର ମୂଳ ପଟ୍ଟାଧାରୀଙ୍କ ଜମିକୁ କରାୟତ କରିଥିବା ମାଫିଆଙ୍କୁ ଉପସ୍ଥିତ ଅଧିକାରୀମାନେ ସହମତି ପ୍ରଦାନ କରି କୌଣସି ପଦକ୍ଷେପ ନେଉନଥିବା କାରଣରୁ ମୂଳ ପଟ୍ଟାଧାରୀ ମାନଙ୍କ ନାହିଁନଥିବା କ୍ଷତି ହେଉଛି ତାହାର ଭରଣା କରିବ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହାର ତୁରନ୍ତ ସମାଧାନ କରାନଗଲେ ସମସ୍ତ କ୍ଷତି ପାଇଁ ସଂପୃକ୍ତ ଅଧିକାରୀମାନେ ହିଁ ଭରଣା କରିବେ ବୋଲି ପ୍ଲଟର ପୁରୁଣା ଅଂଶଦାରୀ ପଙ୍କଜ ପାଣିଗ୍ରାହୀ ଓ ଭାସ୍କର ମହାପାତ୍ର ଦାବି କରିଛନ୍ତି । ଏହି ମାମଲାରେ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରି ଅନୁସନ୍ଧାନ କରି ମାମଲାର ତୁରନ୍ତ ଫଇସଲା କରିବା ପାଇଁ ଆଦେଶ ଦେଇଥିବା ନଜରକୁ ଆସୁଥିବା ବେଳେ ସଂପୃକ୍ତ ତହସିଲଦାର ଏଥିରେ ନିରବଦ୍ରଷ୍ଟା ସାଜିଥିବା କାରଣରୁ ମୂଳ ପଟ୍ଟାଧାରିମାନେ ବ୍ୟାପକ କ୍ଷତି ସହୁଛନ୍ତି ବୋଲି ପଙ୍କଜ ପାଣିଗ୍ରାହୀ ଓ ଭାସ୍କର ମହାପାତ୍ର ଅଭିଯୋଗ କରିଛନ୍ତି । ଏହି ପରିପ୍ରେକ୍ଷୀରେ ତହସିଲଦାର ଦିବ୍ୟା ମହାନ୍ତି ତାଙ୍କରି ପ୍ରତିକ୍ରିୟାରେ କହିଛନ୍ତି, ମୂଳ ଜମିପଟ୍ଟା ଅନୁସାରେ ଅଧିକା ଜମି ବିକ୍ରି ହୋଇଛି ସତ। ଅନ୍ୟପକ୍ଷରେ ଏହି ମାମଲାର ଛତ୍ରପୁର ଉପଜିଲ୍ଲାପାଳଙ୍କ କୋର୍ଟରେ ବିଚରାଧୀନ ରହିଥିବା ନେଇ ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ କହିଛନ୍ତି।

## ପିପିଲିଆ ମହାବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ସମାରୋହ

**ପାଟଣା ୧୮/୧ (ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ଦିବସ ଅଧକ୍ଷ ନିରାକାର ସ୍ୱାଇଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଦୈତାରି ମହାନ୍ତ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ମୂଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଓ ସମ୍ମାନିତ ଅତିଥି ଭାବେ ସ୍ୱଳ୍ପ ସଞ୍ଚୟ ଯୋଜନା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶିରପାଣି ନାୟକ ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ। +୨ ଓ +୩ କ୍ରୀଡା ଦାୟିତ୍ୱରେ ଥିବା ପ୍ରାଧାପକ ଅଲେଖ ପ୍ରସାଦ ସାହୁ ଓ ପଙ୍କଜ କୁମାର ଶତପଥୀ ସମସ୍ତ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନା କରିଥିଲେ।+୩ ବାଳକ ବିଭାଗର ବିଶ୍ୱରଂଜନ ସେଠୀ, ବାଳିକା ବିଭାଗର ସୁକୁନୀ ନାଏକ+୨ ବାଳକ ବିଭାଗର ଶକ୍ତି ମହାକୁଡ଼, ବାଳିକା ବିଭାଗରେ ନନ୍ଦିନୀ ମହାରଣା ଚମ୍ପିୟାନ ଟ୍ରଫି ପାଇଥିଲେ। ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନଙ୍କ ସହଯୋଗରେ ଦୁଇ ଦିନ ବ୍ୟାପି ଚାଲିଥିବା କ୍ରୀଡା ଉତ୍ସବ ମହାସମାରୋହରେ ଶେଷ ହୋଇଥିଲା।

## ଅସହାୟ ଙ୍କୁ କମ୍ବଳ ବାଣ୍ଟିଲେ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ



**ପାଟଣା ୧୮/୧ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଢେଙ୍କିକୋଟ ମଣ୍ଡଳ ଟିକିରା ଗ୍ରାମରେ ଆଜି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଅସହାୟ ମାନଙ୍କୁ ଶୀତବସ୍ତ୍ର କମଳ ବଣ୍ଟନ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବାରୁ ଶୀତ କୁ ଦୃଷ୍ଟିରେ ରଖି ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ ଟିକିରା ଗ୍ରାମରେ ପହଞ୍ଚି ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ପ୍ରଦାନ କରିଛନ୍ତି। ଏଭଳି ଶୀତ ସମୟରେ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ ମିଳିଥିବାରୁ ସେମାନେ ଖୁସି ବ୍ୟକ୍ତ କରିବା ସହ ମହିଳା ସଭାନେତ୍ରୀ ଙ୍କୁ ଆର୍ଶୀବାଦ ପ୍ରଦାନ କରିଛନ୍ତି। ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବିଜେପି ନେତା ଅମର ସିଂ, ଜଗବନ୍ଧୁ ସାମଲ, ସୁଶାନ୍ତ କୁମାର ସାହୁ, ବିର କୁମର ସିଂ, ଭରତ ନାଏକ ଓ ନିରଞ୍ଜନ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

## ଡାବୁଗାଁ ରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ

**ନବରଙ୍ଗପୁର ୧୮/୧ (ନି.ପ୍ର):**ଉଦ୍ୟାନ କୃଷି ବିଭାଗ ତରଫରୁ ଡାବୁଗାଁ ରେ ଆଜି ଅପରାହ୍ନ ୧ଘଣ୍ଟା ସମୟରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଲା । ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବି ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମାଝୀ, କୃଷକ ପ୍ରତିନିଧି ତଥା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଜୟନ୍ତ କୁମାର ପାତ୍ର ଏବଂ ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ ଏବଂ କୃଷି ସମ୍ବନ୍ଧୀୟ ଅନ୍ୟାନ୍ୟ ବିଭାଗ ର ଅଧିକାରୀମାନେ ଯୋଗଦେଇ ଥିଲେ। ବ୍ଲକର ଅଧିକାଂଶ ପଞ୍ଚାୟତ ର ପ୍ରମୁଖ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ର ଅଧିକାରୀ ମାନେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ବୁଝାଇ ଥିଲେ।

## ରାଜ୍ୟ ସରକାର ମିଲରଙ୍କ ପାଖରେ ହାତଟେକିଦେଲେ : ଧାନ ମାନ ନିର୍ଦ୍ଧାରଣ ଯନ୍ତ୍ରର ଭୟ, ଚାଷୀ ନିରୁପାୟ

**ନିଶ୍ଚିନ୍ତକୋଇଲି ୧୮/୧ (ନି.ପ୍ର):** ଧାନ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନଙ୍କର ଚିନ୍ତା ବଢିବାରେ ଲାଗିଛି । ରାଜ୍ୟ ସରକାର ଘୋଷଣା କରିଥିଲେ ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରିବେ ଓ ଧାନ ମଣ୍ଡିରେ କଟଣି ଛଟଣି ହେବ ନାହିଁ । ଏପରିକି ଯୋଗାଣ ମନ୍ତ୍ରୀ ଏବଂ ଜିଲ୍ଲାପାଳମାନେ କଟଣି ଛଟଣି ନହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ଦେଖାଯାଉଛି ଯେ ମିଲରମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୬ କେଜି ଧାନ ଚାଷୀଙ୍କଠାରୁ କାଟ୍ କରାଯାଉଛି । ବିଗତ ବିଜେଡି ସରକାର ଅମଳରେ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୩ କେଜି କଟଣି ଛଟଣିକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ସେତେବେଳର ପ୍ରମୁଖ ବିରୋଧି ଦଳ ଭାରତୀୟ ଜନତା ପାର୍ଟିର ବହୁ ବିଧାୟକ ନବୀନ ସରକାରକୁ ତାଚ୍ଛଲ୍ୟ କରି ଚାଷୀ ମାରଣ ସରକାର ବୋଲି କହୁଥିଲା ବେଳେ ଏବେ ରାଜ୍ୟରେ ଭାରତୀୟ ଜନତା ପାର୍ଟିର ଡବଲ ଇଂଜିନ ସରକାର ଚାଲୁଛି ହେଲେ ଧାନ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବା ପାଇଁ କାନ୍ଦୁଛି । ଏବେ ମିଲରଙ୍କ କବ୍‌ଜାରେ ଧାନ ମଣ୍ଡି । ମିଲର ଓ ପ୍ରଶାସନର ସଲାସୁତୁରାରେ ଧାନ ମଣ୍ଡି ପରିଚାଳିତ ହେଉଥିବାରୁ ଏଠି ଚାଷୀମାନେ ନିଜର ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଅପରପକ୍ଷରେ ଧାନ ମଣ୍ଡିରେ ଧାନ ବିକ୍ରିର ୭ ଦିନ ମଧ୍ୟରେ ଚାଷୀଙ୍କ ଜମାଖାତାକୁ ଟଙ୍କା ପଠାଯିବ ବୋଲି ସରକାର କହିଥିଲା ବେଳେ ସେ ନେଇ ମଧ କୃଷକଙ୍କ ମହଲରେ ଅହେତୁକ ଆଶଙ୍କା ଦେଖାଦେଇଛି । ଚଳିତ ବର୍ଷ ଅଦିନିଆ ବର୍ଷାରେ ଖରିଫ ଧାନ ଫସଲ ଗୁଡିକର ମାନ ନିଶ୍ଚୟ କମିଛି । ଚାଷୀ ମହଲରୁ ଦାବି ହେଉଥିଲା କି ମଣ୍ଡିରେ ଧାନ କିଣା ବେଳେ ଧାନର ନିର୍ଦ୍ଧାରିତ ମାନକୁ କୋହଳ କରିବାକୁ ହେଲେ ଏବେ ଚାଷୀମାନଙ୍କଠାରୁ ୬ କିଲୋ ଧାନ କୁଇଣ୍ଟାଲ ପ୍ରତି କଟା ଯାଉଛି । ଯେଉଁ ଚାଷୀ ଏହା ବିରୁଦ୍ଧରେ ସ୍ୱର ଉଠାଉଛି ତାକୁ ମଣ୍ଡିରେ ଧାନ ମାନ ନିର୍ଦ୍ଧାରଣ ଯନ୍ତ୍ରର ଭୟ ଦେଖାଇ ଏକ ରକମ୍ ବାଧ କରୁଛନ୍ତି । ଯାହାଫଳରେ ଚାଷୀମାନଙ୍କର ମନ ପୋଡି ଯାଉଥିଲେ ମଧ ଉପାୟ ଶୂନ୍ୟ ହୋଇ ଚାଷୀମାନେ ୧ କୁଇଣ୍ଟାଲ ଧାନ ବିକ୍ରିକରି ୯୪ କିଲୋର ହିସାବ ନେଉଛନ୍ତି । ଯାହାଫଳରେ ଚାଷୀଙ୍କ ଅନ୍ତର କାନ୍ଦୁଛି । ଧାନ ମଣ୍ଡିରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା କଟଣି ଛଟଣିକୁ ନେଇ ଉପୁଜିଥିବା ପରିସ୍ଥିତିକୁ ତୁରନ୍ତ ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦୃଢ ଦାବି କରାଯିବା ସହ ଯଦି ସରକାର ଏ ସଂପର୍କରେ ବିହିତ ପଦକ୍ଷେପ ନନିଅନ୍ତି ତେବେ ଆସନ୍ତା ପଂଚାୟତ ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି ଚାଷୀମାନେ ଚରମ ଚେତାବନୀ ଦେଇଛନ୍ତି ।

## ଟାଟା ପାୱାର ଉପଭୋକ୍ତା ଶୋଷଣ ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




**ନିଶ୍ଚିନ୍ତକୋଇଲି ୧୮/୧ (ନି.ପ୍ର):** ଓଡିଶାରେ ଟାଟା କଂପାନୀ ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରେ ସାଧାରଣ ବିଦ୍ୟୁତ ଉପଭୋକ୍ତାମାନେ ସଠିକ୍ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଓ ସୁବିଧାରେ ପାଇବେ ବୋଲି ଆଶା ଥିଲା । ମାତ୍ର ତାହା ହେଲା ନାହିଁ । ଚଳିତ ମାସରେ ଅନେକ ଉପଭୋକ୍ତାଙ୍କ ସଚଳ ମିଟରକୁ ଅଚଳ ଦେଖାଇ ଆଭରେଜ ବିଲ୍ କରି ଉପଭୋକ୍ତାଙ୍କୁ ଏକ ରକମ ଶୋଷଣ କରୁଛି ଟାଟା ପାୱାର । ଭଲ ଥିବା ମିଟର ଗୁଡିକୁ ବଦଳାଇ ପ୍ରିପେଡ୍ ମିଟରବସାଇବାକୁ ଯୋଜନା କରିଛି । ପ୍ରିପେଡ୍ ମିଟର ବସିଲେ ସାଧାରଣ ଗରିବ, ଖଟିଖିଆ, ମୂଲିଆ ସାଧାରଣ ଉପଭୋକ୍ତା ହଇରାଣ ହେବେ । ଏହି ପ୍ରିପେଡ ମିଟର ବ୍ୟବସ୍ଥାକୁ ବିରୋଧ କରି କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ସଭାପତି ମାନସ ପରିଡାଙ୍କ ଅଧକ୍ଷତାରେ ଜଗତପୁର ଗୋଲେଇଛକସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ମଂଚ ସଭାପତି ପ୍ରତ୍ୟୁଷ ସାହୁ, ଜଗତପୁର ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡା, ଟାଙ୍ଗୀ -ଚୌଦ୍ୱାରା ବିଦ୍ୟୁତ ଉପଭୋକ୍ତା ମଂଚ ସଭାପତି ଜୟସିଂହ, ୪୪ ମଣ୍ଡଳ ରାଜଦୋଳ ସମିତି ସର୍ବାଧିକାରୀ ଦୀପକ ମଙ୍ଗରାଜ, ବରିଷ୍ଠ ନାଗରିକ ତଥା ସଂଘ ସଂପାଦକ ପଦ୍ମନାଭ ବେହେରା, ଜଗତପୁର ଟ୍ରକ ମାଲିକ ସଂଘ ସଭାପତି ଦିଲ୍ଲୀପ ଜେନା, ବରିଷ୍ଠ ବାମପନ୍ଥୀ ନେତା ଉଦୟ କେଶରୀ ବର୍ମା, ବରିଷ୍ଠ କଂଗ୍ରେସ ନେତା ଅଲେଖ ଚନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ନେତା ଶିଶିର ରଥ, ମନୋଜ ବିଶ୍ୱାଳ, ନିର୍ମଳ ସ୍ୱାଇଁ, ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲ, ବିଜେଡି ୱାର୍ଡ ସଭାପତି ବିଜୟ ଭୂୟାଁ, ନାରୀନେତ୍ରୀ ମୋନାଲିସା ଦାସ, ବସ୍ତିସଂଘ ନେତା ଚି□ରଂଜନ ମହାନ୍ତି, ଯୁବନେତା ସଚ୍ଚିଦାନନ୍ଦ ରାଉତଙ୍କ ସମେତ ବୟୋଜ୍ୟେଷ୍ଠ ମୁରବୀ ବିଳାସ ବିଶ୍ୱାଳ, ଚିରଞ୍ଜୀୟ ବେହେରା, ବିଜୟ ମିଶ୍ର, ଶିବ ପ୍ରଧାନ, ସୁବାଷ ସୁବୁଦ୍ଧି ରାୟ, ଅଜୟ କୁମାର ଦାସ, ଶ୍ରମିକ ନେତା ଲକ୍ଷ୍ମୀଧର ସରଣ, ମାଧବ ବିଶ୍ୱାଳ, ଅଶୋକ ମିଶ୍ର, ରବିନ୍ଦ୍ର ପରିଡା, ପ୍ରମୁଖ ଯୋଗଦେଇ ଟିପିସିଓଡିଏଲ୍‌ର ଉପଭୋକ୍ତା ମାରଣ ନୀତିକୁ ସମାଲୋଚନା କରିଥିଲେ । ବିଶେଷ କରି ପ୍ରିପେଡ୍ ମିଟର ପ୍ରଚଳନ ବନ୍ଦ୍ କରିବା, ଆଭରେଜ ବିଲ୍ ନକରି ମିଟର ରିଡିଂ ଅନୁଯାୟୀ ବିଲ୍ କରିବା, ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ମାଗଣା ମିଳିବ ବୋଲି ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଦିଆଯାଇଥିବା ପ୍ରତିଶୃତିକୁ ପାଳନକରିବା ସମେତ ଏକ ୮ ଦଫା ଦାବି ସମ୍ବଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ ବିଭାଗ ଜେନେରାଲ ମ୍ୟାନେଜର ଜରୀଆରେ ପ୍ରଦାନ କରାଯାଇଥିଲା । ଶେଷରେ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାର ପ୍ରବେଶପଥ ଖାଲ ଖମା : ମରାମତି ପାଇଁ ଦାବି



**ନିଶ୍ଚିନ୍ତକୋଇଲି ୧୮/୧ (ନି.ପ୍ର):** ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ମଧ୍ୟସ୍ଥଳରୁ ବାହାରିଥିବା ନିଶ୍ଚିନ୍ତକୋଇଲି -ଲଳିତଗିରି ରାସ୍ତାର ପ୍ରବେଶ ମୁହଁ ଦୀର୍ଘ ଦିନ ହେଲା ଖାଲ ଖମା ହୋଇ ପଡି ରହିଛି । ଏହି ରାସ୍ତାରେ ନିଶ୍ଚିନ୍ତକୋଇଲି ଅହେମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଛାତ୍ର ଛାତ୍ରୀମାନେ ଯାଆସ କରିଥାଆନ୍ତି । ଏହି ରାସ୍ତା ଦେଇ ନତକାଇ ବାଣୀନଗରସ୍ଥିତ ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟକୁ ଛାତ୍ରୀମାନେ ଯାଆସ କରିଥାଆନ୍ତି । ଏହାଛଡା ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟକୁ ମଧ ଜନସାଧାରଣମାନେ ଏହି ରାସ୍ତା ଦେଇ ଯାଆସ କରିଥାଆନ୍ତି । ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ଏହା ହେଉଛି ମୁଖ୍ୟ ପ୍ରବେଶ ପଥ । ପ୍ରତ୍ୟେକ ହାଟ ବାରିରେ ଗ୍ରାମା□ଳରୁ ଚାଷୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ସାଇକେଲ, ମୋଟର ସାଇକେଲ ଓ ଟ୍ରଲିରେ ନଦି ଆଣିଥାଆନ୍ତି । ସମୟ ସମୟେ ଏହି ଆବଡା ଖାବଡା ଓ ଖାଲଖମାଯୁକ୍ତ ସ୍ଥାନରେ ପଡି ସେମାନଙ୍କର ସାଇକେଲ, ମୋଟର ସାଇକେଲ ଓ ଟ୍ରଲି ଭାଙ୍ଗିବା ସହ ଲୋକମାନେ ମଧ ପଡି ଖଣ୍ଡିଆ ଖାବରା ହୋଇଥାଆନ୍ତି । ଏହି ରାସ୍ତା ଦେଇ ଦୈନନ୍ଦିନ ଅନେକ ଚାରି ଚକିଆ, ଓ ଭାରୀ ଯାନ ଯାତ୍ରୀବାହୀଯାନ, ମାଲ୍‌ବାହୀ ଯାନ ଯାଆସ କରିଥାଏ । ଏହି ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଭିନ୍ନ ଭିନ୍ନ ଦୋକାନମାନ ଅବସ୍ଥିତ । ରାସ୍ତାର ଚଉଡା ଯେତିକି ଅଛି ସେଥିରେ ୩/୪ ଜାଗାରେ ବଡ ବଡ ଖାଲ ଖମା ହୋଇଥିବାରୁ ଯିବା ଆସିବାରେ ସାଧାରଣ ଲୋକଟିଏ ନାହିଁ ନଥିବା ଅସୁବିଧା ଭୋଗୁଛି । ଏ ବିଷୟରେ ପୂର୍ବରୁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ସ୍ଥାନୀୟ ଅଂଚଳର ଯୁବ ସମାଜସେବୀ ନିବାସ ଚନ୍ଦ୍ର ଗାୟାଁ ଅବଗତ କରାଇଥିଲେ । ଘଟଣା ସଂପର୍କରେ ଜାଣିବା ପରେ ସେତେବେଳର ଦାୟିତ୍ୱରେ ଥିବା ତହସିଲଦାର କ୍ଷେତ୍ର ପରିଦର୍ଶନ କରି ଉକ୍ତ ସ୍ଥାନକୁ ସମତୁଲ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ହେଲେ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଉକ୍ତ ସ୍ଥାନଟି ଅଦ୍ୟାବଧି ସେହିପରି ଖାଲ ଖମାରେ ପଡି ରହିଛି । ତୁରନ୍ତ ଉକ୍ତ ସ୍ଥାନକୁ ମରାମତି କରି ସମତୁଲ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ମା ଜଗତଜନନୀ କ୍ଲବ ପକ୍ଷରୁ ଟୁସୁ ମହାମିଳନ ମହୋତ୍ସବ , ବାଜି ମାରିନେଲା ମୂଷାନାଳୀ ଟୁସୁ ମେଢ଼

**ପାଟଣା ୧୮/୧ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମର ମା ଜଗତଜନନୀ କ୍ଲବ ପକ୍ଷରୁ ଟୁସୁ ମହାମିଳନ ମହୋତ୍ସବ ଓ ଟୁସୁ ପ୍ରତିଯୋଗିତା ଗୁରୁବାର ଧୁମଧାମରେ ରଙ୍ଗାରଙ୍ଗ ପରିବେଶ ରେ ଅନୁଷ୍ଠିତ ହୋଇଛି ।ତ୍ରିନାଥ ମହାନ୍ତ ଓ ଚତୁର୍ଭୁଜ ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଁର ଝିଅ ତଥା କେନ୍ଦୁଝର ଜିଲ୍ଲା ରିମୁଳି ପଞ୍ଚାୟତ ର ସରପଞ୍ଚ ଅମୃତି ମୁଣ୍ଡା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ,ସଂମ୍ମାନୀତ ଅତିଥି ଭାବେ ଶିକ୍ଷକ ପାର୍ଥସାରଥୀ ବେଜ,ଅବସରପ୍ରାପ୍ତ ସେନା କର୍ମଚାରୀ ଅର୍ଜୁନ ଚରଣ ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ମୁଖ୍ୟ ଶତ୍ରୁଘନ ସେଠୀ ଓ ଶଙ୍କର୍ଷଣ ଦାସ ପ୍ରମୁଖ ଯୋଗଦେଇ କୁଡୁମୀ ଜାତିର ଗାରିମା ମୟ ଇତିହାସ ର ସ୍ମୃତି ସାଉଁଟିବା ପାଇଁ ଟୁସୁ ମହୋତ୍ସବ ଏକ ବଳିଷ୍ଠ ମାଧ୍ୟମ ବୋଲି ମତ ରଖିଥିଲେ ।ପ୍ରତିଯୋଗିତାରେ ପାଟଣା, ସାହାରପଡା ବ୍ଲକ ସମେତ ମୟୁରଭଞ୍ଜ ଜିଲ୍ଲାର ବଛା ବଛା ୧୮ ଟି ଟୁସୁ ମେଢ ଅଂଶ ଗ୍ରହଣ କରିଥିଲେ ।ଦେଖିବା ପାଇଁ ଅନ୍ୟୁନ ୧୦ ହଜାର ଲୋକଙ୍କ ସମାବେଶରେ ଏମ ଜେ ଝୁମର ଗ୍ରୁପ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ।ଟୁସୁ ଆୟୋଜନ ର ସଭାପତି ଗୁରୁଚରଣ ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୂଷାନାଳୀ ର ମା ବାସୁଳୀ ଟୁସୁ ଦଳ ପ୍ରଥମ, ଝାଲିଆପଡା ଦ୍ୱିତୀୟ ଓ ମୟୁରଭଞ୍ଜ ଜିଲ୍ଲାର ଗୌଡ଼ଗାଁ କୁସପଦା ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିବା ବେଳେ ଅନ୍ୟ ଦଳ ମାନଙ୍କୁ ଶାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।ଜଗତ ଜନନୀ କ୍ଲବ ର ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

# ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବ ଉଦଯାପିତ
## ୧୦ ହଜାର ଦର୍ଶକଙ୍କୁ ନଚାଇଲେ ମଣ୍ଟୁ ଛୁରିୟା

ପୋଲସରା **୧୮/୧ (ନି.ପ୍ର):** ପୋଲସରା ବ୍ଲକ ମଥୁରା ପଂଚାୟତ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମାରଦା ପୀଠରେ ତିନି ଦିନ ଧରି ଅନୁଷ୍ଠିତ ମାରଦା ମହୋତ୍ସବ ଜାନୁଆରୀ ୧୬ ତାରିଖ ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ତଥା ମାରଦା ମହୋତ୍ସବ କମିଟିରର ସଭାପତି ଗୋକୁଳାନନ୍ଦ ମଲ୍ଲିକ ଅଧକ୍ଷତା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଉଦଘାଟକ ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ଲୋକାରଣ୍ୟ ଦେଖି ଖୁସି ଅନୁଭବ କରି ଏହା ଜଗନ୍ନାଥ କରୁଣାରୁ ସମ୍ଭବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ସମବାୟ, ହସ୍ତତନ୍ତ ଓ ବୟନ



ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଆସିକା ସାଂସଦ ଅନିତା ସୁଭଦର୍ଶିନୀ ପ୍ରମୁଖ ଯୋଗ ଦେଇ ମାରଦା ପୀଠର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ମନ୍ତ୍ରୀ ଶ୍ରୀ ମଲିକ ଓ ଆସିକା ସାଂସଦ ଶ୍ରୀମତୀ ପଟ୍ଟନାୟକ ଏହି ସଫଳତା ଅଞ୍ଚଳବାସୀ ଓ କମିଟିର ସଦସ୍ୟ ମାନଙ୍କ ସହ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ସହଯୋଗରେ ହୋଇଥିବା ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବିଜେପି ନେତ୍ରୀ ପିଙ୍କି ପ୍ରଧାନ, ମନ୍ତ୍ରୀଙ୍କ ସହଧର୍ମିଣୀ ସସ୍ମିତା ମଲିକ, ମହୋତ୍ସବ ର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ସମୀକ୍ଷକ ଦୀପକ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ । ମହୋତ୍ସବ କମିଟିର ସମ୍ପାଦକ ଭବାନୀ ଶଙ୍କର ରଥଙ୍କ ଦ୍ୱାରା ସମ୍ପାଦକିୟ ବିବରଣୀ ପଠନ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଦେବାଶିଷ ସ୍ୱାଇଁ ଓ ସୁପ୍ରଜିତ ସାହୁ ଭାସ୍ୟକାର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅଞ୍ଚଳ ଓ ଅତିଥି କଳାକାର ସହ ମଣ୍ଟୁ ଛୁରିୟା ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ୧୦ ହଜାର ଦର୍ଶକ ଗୀତ ଓ ନାଚରେ ନାଚିଥିଲେ।

## ଆଦିବାସୀ ମହାବିଦ୍ୟାଳୟର ୩୭ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟନ



ବାଲିଗୁଡା **୧୮/୧ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ ପରିସର ମଧ୍ୟରେ ଆଦିବାସୀ ମହାବିଦ୍ୟାଳୟର ୩୭ ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ମହାସମାରୋହରେ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିରରୁ ଯଥାରିତି ନୀତି ଅନୁଯାଇ ପୂଜାର୍ଚ୍ଚନା ପୂର୍ବକ ମଶାଲ ପ୍ରଜ୍ଜ୍ୱଳନ କରି ମିନିଷ୍ଟାଡ଼ିୟମ ପରିସରରେ ପହଞ୍ଚିବା ପରେ ମହାବିଦ୍ୟାଳୟର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି କ୍ରୀଡା ଶୁଭାରମ୍ଭ କରିଥିଲେ। କ୍ରୀଡା ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଙ୍କ ଗସ୍ତ ସମୟରେ ମିନିଷ୍ଟାଡ଼ିୟମ ପରିସରରେ ପହଞ୍ଚିବାରୁ ମହାବିଦ୍ୟାଳୟ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା, ମନ୍ତ୍ରୀ ଶ୍ରୀ ସୁରଜ କିଛି ସମୟ କ୍ରୀଡା ଉପଭୋଗ କରି ଫେରିଥିଲେ। ଉଦଘାଟନ ତଥା ପ୍ରଥମ ଦିନରେ +୨ ସ୍ତରରେ ୧୦ ଟି ଏବଂ +୩ ସ୍ତରରେ ୧୦ ଟି ବିଭିନ୍ନ କ୍ରୀଡା ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଖେଳ ଶିକ୍ଷକ ଗଙ୍ଗାଧର ପଣ୍ଡା ଙ୍କ ସମେତ ଦେବବ୍ରତ ସିଂ ଦେଓ, ଏଲିଆସ ଦିଗାଳ, ରୂପକ ନାୟକ, ହେମନ୍ତ ପାତ୍ର, ଗୌରବ ପ୍ରଧାନ, ରାଜେଶ ଦିଗାଳ, ଦେବେନ୍ଦ୍ର ଦଣ୍ଡିଆ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଭାଗ ଜମି ବିକ୍ରି ବନ୍ଦ, ସରଳୀକରଣ ନିୟମ ପ୍ରଣୟନ ଲାଗି ମନ୍ତ୍ରୀଙ୍କୁ ଦାବିପତ୍ର

ଛତ୍ରପୁର **୧୮/୧ (ନି.ପ୍ର):** ଗଞ୍ଜାମ ଜିଲାରେ ୨୦୨୨ ମେ ୧୦ରୁ ଭାଗ ଜମି ବିକ୍ରୟ କରିବା ବନ୍ଦ ହୋଇଯାଇଛି। ଏହି ସମସ୍ୟା ସମାଧାନ ନେଇ ଶୁକ୍ରବାର ଗଞ୍ଜାମ ଜିଲା ଛତ୍ରପୁର ଗସ୍ତ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୂତନ ନିୟମ ପ୍ରକାରରେ ଜଣେ ବ୍ୟକ୍ତି ନିଜ ଜମିର କିଛି ଅଂଶ ବିକ୍ରି କରି ପାରିବ ନାହିଁ। ଯାହାଦ୍ୱାରା ବିନା କାରଣରେ ତା'ର ସମସ୍ତ ଜମି ବିକ୍ରି କରିବାକୁ ବାଧ ହୋଇ ଭୂମିହୀନ ହେବାକୁ ପଡୁଛି। କୌଣସି ଗରିବ ଶ୍ରେଣୀର ବ୍ୟକ୍ତି ଛୋଟିଆ ଜାଗାଟିଏ କିଣି ଘର କରିପାରୁ ନାହାନ୍ତି। ଭଡ଼ା ଘରେ ଜୀବନ ଅତିବାହିତ କରିବାକୁ ବାଧ ହେଉଛନ୍ତି ଓ ସାସ୍ଥ୍ୟଗତ ସମସ୍ୟା ହେଲେ ମଧ୍ୟ ଆବଶ୍ୟକ ସ୍ଥଳେ ନିଜ ସମ୍ପତ୍ତିର ଆଂଶିକ ଭାଗ ମଧ୍ୟ ବିକ୍ରି କରି ପାରୁ ନାହାନ୍ତି। ନିଜର ପୈତୃକ ସମ୍ପତ୍ତିକୁ ଭାଗ ବଣ୍ଟନ ମଧ୍ୟ କରିପାରୁନାହାନ୍ତି। ଜମି ବିକ୍ରି ବନ୍ଦ ଯୋଗୁ ସହର ବିକାଶ ନିର୍ମାଣରେ ବାଧା ସୃଷ୍ଟି ହେଉଛି। ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ମଧ୍ୟ ହେଉଛି। ଏହି ସବୁ ଅସୁବିଧାର ସମାଧାନ ପାଇଁ ଓଡ଼ିଶା ସରକାର ଏକ ସରଳୀକରଣ ଉପାୟ ବାହାର କରି କିଣାବିକା, ନିର୍ମାଣ କାର୍ଯ୍ୟ, ଜନସାଧାରଣଙ୍କ ରୋଜଗାର ଇତ୍ୟାଦି, ସହର, ଗାଁର ବିକାଶକୁ ଦୃଷ୍ଟିରେ ରଖି ସରଳୀକରଣ ନିୟମ ଆଇନ ପ୍ରଣୟନ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଲୋହିତ କୁମାର ମଙ୍ଗରାଜ, ସନ୍ତୋଷ କୁମାର ପାଢ଼ୀ, ସୁନୀଲ କୁମାର ପାଣିଗ୍ରାହୀ, ଅଜିତ କୁମାର ସୁବୁଦ୍ଧି, ଧନୁର୍ଦ୍ଧର ପାତ୍ର, ପ୍ରଦୀପ ସିଂ, ସଂଜୀବ କୁମାର ଦାଶ, ପ୍ରଭାତ ତ୍ରିପାଠୀ, ସଂଗ୍ରାମ ମହାନ୍ତି, ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଠ ଦିନିଆ ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦଯାପିତ

ପୋଲସରା **୧୮/୧ (ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷ (ଏକାଦଶ ଶ୍ରେଣୀ) ଛାତ୍ରୀଙ୍କ ୮ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଜାନୁଆରୀ ୧୬ ତାରିଖ ଦିନ ଉଡାଯାପିତ ହୋଇଯାଇଛି। ଉଦଯାପନୀ ଦିବସର କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ରବୀନ୍ଦ୍ର ନାଥ ପାଳ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗର ଅଧାପକ ମନୋଜ କୁମାର ସାହୁ, ତହସିଲ ଅଫିସ କର୍ମଚାରୀ ଗିରିଜା ଶଙ୍କର ମିଶ୍ର ଯୋଗଦେଇଥିଲେ। ତହସିଲଦାର ଦୀପ୍ତିମୟୀ ପାତ୍ର ଛାତ୍ରୀମାନଙ୍କୁ ମାନସିକ ଓ ଶାରୀରିକ ଭାବରେ ସଶକ୍ତ ହେବାର ପ୍ରେରଣା ଦେଇଥିଲେ। ତାଲିମ ଶିବିରର ସଂଯୋଜିକା ଅଧାପିକା ଡକ୍ଟର ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ସୁଚିତ୍ରା ବେହେରା ଓ ସୁଜ୍ଞାନୀ ବେହେରା ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କୌଶଳ ବିଷୟରେ ତାଲିମ ଦେଇଥିଲେ। ଅଧାପକ ଟୁଟୁ ଡାକୁଆ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତ ଛାତ୍ରୀ ଆଠ ଦିନରେ ଯେଉଁ ସବୁ ଆତ୍ମ ସୁରକ୍ଷା କୌଶଳ ଶିକ୍ଷାଲାଭ କରିଥିଲେ ତାହା ଅତିଥି ବୃନ୍ଦଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ଶେଷରେ ଅଧାପିକା ଡକ୍ଟର ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।




# ଧାନର କଟନି ଛଟନି ବନ୍ଦ ହେଉ,ଉଚିତ୍ ମୂଲ୍ୟ ଜାମଦା ଚାଷୀଙ୍କୁ ମିଳୁ



ମୟୂରଭଞ୍ଜ **୧୮/୧ (ନି.ପ୍ର):** ଧାନର କଟନି ଛଟନି ବନ୍ଦ କରାଯାଉ, ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉ,ଧାନ କିଣିବାକୁ ଅଯୋଗ୍ୟ ସରକାର ବୋଲି ଜାମଦା ଚାଷୀ ମତ ପ୍ରକାଶ କରିଛନ୍ତି ।ମୟୂରଭଞ୍ଜ ଜିଲ୍ଲା ଜାମଦା ଲ୍ୟାମ୍ପ୍ ରେ ଚାଷୀମାନଙ୍କୁ ୩୧୦୦ ଟଂକା ସହାୟକ ମୂଲ୍ୟ ମିଳୁନଥିବା ଅଭିଯୋଗ ହେଉଛି ।ସୂଚନାନୁସାରେ ଚାଷୀମାନଙ୍କଠାରୁ କ୍ୟୁଣ୍ଟାଲ ପିଛା ୨୩୦୦ଟଂକାରେ ଜାମଦା ଲ୍ୟାମ୍ପ୍ କ୍ରୟ କରୁଛି ।କିନ୍ତୁ ଚାଷୀମାନଙ୍କୁ ରାଜ୍ୟ ସରକାର କ୍ୟୁଣ୍ଟାଲ ପିଛା ୮୦୦ ଟଂକା ବୋନସ୍ ମିଳିବା କଥା କିନ୍ତୁ କ୍ୟୁଣ୍ଟାଲ ପିଛା ୧୨କେଜି ମିଲରମାନେ କାଟୁଥିବା ବିକ୍ରୟ କରୁଥିବା ଚାଷୀମାନେ ଜଣାଇଛନ୍ତି ।ସରକାରଙ୍କ ନିୟମାନୁସାରେ ଧାନ କ୍ୟୁଣ୍ଟାଲ୍ ପିଛା ୩୧୦୦ ସହାୟକ ମୂଲ୍ୟ ଦେବା କଥା କିନ୍ତୁ ୨୩୦୦ଟଂକା ଦିଆଯାଉଥିବା ଯୋଗୁ ଚାଷୀ ଅଶାନ୍ତି ହେଉଛନ୍ତି ।ଏ ନେଇ ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ତାହା ସମାଧାନ ହୋଇଯାଇଛି ।କିନ୍ତୁ ଅନ୍ୟ ପକ୍ଷରେ ଜାମଦା ଚାଷୀ ଏଥିରୁ ବଂଚିତ ହେଉଥିବା ଅଭିଯୋଗକୁ ଅସ୍ୱୀକାର କରି ହେଉନାହିଁ । ତେବେ ଲ୍ୟାମ୍ପ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜାମଦା ଚାଷୀ ପକ୍ଷରୁ ଦାବି ହେଉଛି ।

## ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ ଜାମଦା ଶିଶୁମନ୍ଦିର ସିଦ୍ଧହସ୍ତତା

ମୟୂରଭଞ୍ଜ **୧୮/୧ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ସରସ୍ୱତୀ ଶିଶୁମନ୍ଦିର ୨୦୨୩-୨୦୨୪ ଶିକ୍ଷାବର୍ଷ ର ୩ୟ ଓ ୫ମ ସରକାରୀ ବୃତ୍ତି ପରୀକ୍ଷାରେ ସିଦ୍ଧହସ୍ତତା ହାସଲ କରିଥିବା ପ୍ରଧାନଆଚାର୍ଯ୍ୟା ସସ୍ମିତା ଟୁଡୁ ଜଣାଇଛନ୍ତି ।୩ୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଜୟଶ୍ରୀ ଗୋପ ଜାମଦା ବ୍ଲକରେ ୨ୟ ସ୍ଥାନ ,ମୃତୁଞ୍ଜୟ ଗୋପ ଜାମଦା ବ୍ଲକରେ ୩ୟ ଏବଂ ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଯମୁନା ହେମ୍ବ୍ରମ ଜାମଦା ବ୍ଲକରେ ୧ମ,ସୌମ୍ୟ ରଂଜନ ନାୟକ ଜାମଦା ବ୍ଲକରେ ୪ର୍ଥ ସ୍ଥାନ ଅଧିକାର କରି ଶିକ୍ଷାନୁଷ୍ଠାନର ତଥା ଜାମଦା ବ୍ଲକକୁ ଗୌରାବାନ୍ୱିତ କରିଥିବାରୁ ୪ଜଣ ବିଦ୍ୟାର୍ଥୀଙ୍କୁ ଅଭିଭାବକ,ଅଭିଭାବିକା,ଗୁରୁଜୀ,ଗୁରୁମାଙ୍କ ମହଲରୁ ଅପ୍ରମିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଓଭୋର ଲୋଡିଙ୍ଗ ନେଇ ପ୍ରଶାସନ ଚୁପ୍

କର୍ଲାମୁଣ୍ଡା **୧୮/୧ (ନି.ପ୍ର):**କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା କେସିଙ୍ଗା ରାସ୍ତାରେ ପ୍ରତ୍ୟହ ଓଭର ଲୋଡିଙ୍ଗ ଧାନ ଟ୍ରକ ଯାତାୟାତ କରୁଛି। କେତେବେଳେ ରାସ୍ତା ପାର ହୋଇଥିବା ବିଦ୍ୟୁତ ତାର ଛିଣ୍ଡୁଥିବା ବେଳେ କେତେବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି।ନିଜର ଫାଇଦା ହାସଲ କରିବା ପାଇଁ ଟ୍ରକ ନିର୍ଦ୍ଧାରିତ ଉଚ୍ଚତା ରୁ ୩ ଥାକ ଧାନ ବସ୍ତା



ଲୋଡିଙ୍ଗ କରି ଯାତାୟାତ ହେଉଛି। ଯାହାଫଳରେ କିଛି ଦିନ ତଳେ ଏକ ଧାନ ବୋଝେଇ ଟ୍ରକ ରିଷିଡା ପେଟ୍ରୋଲ ଟାଙ୍କି ସାମ୍ନା ପାଣି ଟାଙ୍କି ପାଚେରୀ ରେ ଏବଂ କର୍ଲାମୁଣ୍ଡା ବ୍ଲକର ଚିନାବାଡି ଆମ୍ବ ବଗିଚା ସାମ୍ନା ଠାରେ ମଧ ଓଭୋର ଲୋଡିଙ୍ଗ ଏବଂ ଡ୍ରାଇଭର ଙ୍କ ଅବହେଳା ଯୋଗୁ ଦୁର୍ଘଟଣା ଗସ୍ତ ହୋଇଛି। ଏହି ରାସ୍ତାରେ ବ୍ଲକ ତହସିଲ ପ୍ରଶାସନ ସହିତ ପୋଲିସ ଫାଣ୍ଡି ରହିଥିବା ବେଳେ ଓଭୋର ଲୋଡିଙ୍ଗ ସମସ୍ୟା ପାଇଁ ସମସ୍ତେ ଚୁପ୍ ଦିନବେଳେ କମ ରାତ୍ରିରେ ସମୟରେ ଅଧିକ ଲୋଡିଙ୍ଗ ଧାନ ଟ୍ରକ ଯାତାୟାତ କରୁଛି।

## କଣାସରେ ନୂତନ କୃଷି ଅଧିକାରୀ ଯୋଗଦେଲେ

କଣାସ **୧୮/୧ (ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକରେ ନୂତନ କୃଷି ଅଧିକାରୀ ଭାବେ ଯୋଗ ଦେଇଛନ୍ତି ରାକେଶ କୁମାର ରାଉତ ।ଶ୍ରୀ ରାଉତ



ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।ସେ ବିଧିବଦ୍ଧ ଭାବେ ଗତ ବୁଧବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି ।ତାଙ୍କୁ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ ।କୃଷି ଅଧିକାରୀ ଶ୍ରୀ ରାଉତ କହିଛନ୍ତି କଣାସ ବ୍ଲକ୍ ଏକ ବନ୍ୟା,ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ କୃଷକମାନଙ୍କୁ କିଭଳି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଓ କୃଷକମାନଙ୍କ ବିକାଶ ନିମନ୍ତେ କୃଷି ବିଭାଗ ସଦା ସର୍ବଦା କାର୍ଯ୍ୟ କରିବ ବୋଲି ସେ କହିଛନ୍ତି ।

## ବୃତ୍ତି ପରୀକ୍ଷାରେ ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା




ବୁଗୁଡା **୧୮/୧ (ନି.ପ୍ର):** ବୁଗୁଡା ବ୍ଲକର ପ୍ରାଥମିକ ବୃତ୍ତି ପରୀକ୍ଷା ଫଳ ୨୦୨୪ ର ପ୍ରକାଶ ପାଇଥିବା ବେଳେ ମାଣିତରା ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀ ରେ ଜଣେ ଓ ପଞ୍ଚମ ଶ୍ରେଣୀରେ ଜଣେ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରୀ ସାଂଭି ମାନସିଂ ବୃତ୍ତି ପାଇଥିବା ବେଳେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ର ସୋହନ ରାଉତ ବୃତ୍ତି ପାଇ ମାଣିତରା ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ଗୌରବ ଆଣିପାରିଛନ୍ତି ବୋଲି ଶିକ୍ଷାନୁଷ୍ଠାନର ସମ୍ପାଦକ ପିତାମ୍ବର ପଣ୍ଡା ପ୍ରକାଶ କରିଛନ୍ତି। ମାଣିତରା ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉତ୍ତମ ଶିକ୍ଷାଦାନ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଉଭୟ ଛାତ୍ର ଓ ଛାତ୍ରୀଙ୍କ ଅଭିଭାବକ ପ୍ରକାଶ କରିଛନ୍ତି।

## ବନଖଣ୍ଡ ସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର

ବୁଗୁଡ଼ା **୧୮/୧ (ନି.ପ୍ର):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ପଞ୍ଚାୟତର ବାଘୁଆ ଡ୍ୟାମ ନର୍ସରୀରେ ବନଖଣ୍ଡ ସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ଉପସ୍ଥିତ ଜନସାଧାରଣଙ୍କୁ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ ଏକାନ୍ତକାମ୍ୟ ବୋଲି ପ୍ରକାଶ କରିବା ସହ ଗଛଟିଏ ଲଗାଇବା ପାଇଁ ନିବେଦନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏସିଏଫ ପ୍ରଦୀପ କୁମାର ବେହେରା, ତହସିଲଦାର ତାପସ ରାଉତ, ପୋଲସରା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା, ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ପରିଡା, ଶୁଳପାଣୀ ଶତପଥୀ, ନୀଳମାଧବ ଆଚାରୀ, ଗଙ୍ଗାଧର ନାୟକ, ସୁରେଶ ଚନ୍ଦ୍ର ଦାସ, ଗଙ୍ଗାଧର ବିଷୋୟୀ, ଦିଲ୍ଲୀପ ପ୍ରଧାନ, ଶ୍ରୀହର୍ଷ ପ୍ରଧାନ , ଗୌରୀଶଙ୍କର ମିଶ୍ର, ଧୋବା ପ୍ରଧାନ ଯୋଗଦେଇ ନିଜର ମତାମତ ଦେଇଥିଲେ ଓ ଡକ୍ଟର ସ୍ଥିତଧୀ ରଥଙ୍କ ନିର୍ଦ୍ଦେଶନାରେ ଜଙ୍ଗଲ ସୁରକ୍ଷା ଉପରେ ପ୍ରସ୍ତୁତ ଧାରାବାହିକ 'ଜଙ୍ଗଲ' ରେ ଅଭିନୟ କରିଥିବା କଳାକାର- କୁମାର ଦିଲୀପ, ସାମ୍ବାଦିକ ରୋହିତ ପ୍ରଧାନ, ସାହିଲ ମିଶ୍ର, ପ୍ରଭାସିନି ଅଧିକାରୀ, ଲକ୍ଷ୍ମୀକାନ୍ତ ମହାପାତ୍ର ଙ୍କୁ ମନ୍ତ୍ରୀ ଶ୍ରୀ ମଲିକ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ବୁଗୁଡ଼ା ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଚିଲିକା ପକ୍ଷୀ ଗଣନା ତାଲିମ ଶିବିରରେ ଯୋଗ ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ବାଲୁଗାଁ **୧୮/୧ (ନି.ପ୍ର):** ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ତତ୍ତ୍ୱାବଧାନରେ ଶନିବାର ଦିନ ପକ୍ଷୀ ଗଣନା କରାଯିବ।ଏନେଇ ଶୁକ୍ରବାର ପୂର୍ବାହ୍ନରେ ଚନ୍ଦ୍ରାପୁଟ ସ୍ଥିତ ଆର୍ଦ୍ରଭୂମି ଅନୁସନ୍ଧାନ ଏବଂ ତାଲିମ କେନ୍ଦ୍ରରେ ପକ୍ଷୀ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି।ଏହି ତାଲିମ ଶିବିରକୁ ଜଙ୍ଗଲ,ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ପ୍ରକୃତିମୟୀ ଚିଲିକାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା।ତାସହିତ ପ୍ରତିବର୍ଷ ଶୀତ ଋତୁରେ ବହୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଚିଲିକାକୁ ଆହୁରି ଆକର୍ଷିତ କରିଥାଏ।ଯାହାଫଳରେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଛି।ପର୍ଯ୍ୟଟନ ସ୍ଥଳୀ ଚିଲିକାକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏବଂ ଏହାର ବିକାଶ ଦିଗରେ ଗୁରୁତ୍ୱ ଦେବାସହ ସ୍ଥାନୀୟ ଲୋକଙ୍କୁ ରୋଜଗାରକ୍ଷମ କରିବା ଆମର ଲକ୍ଷ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।ଏଥିସହିତ ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବାକୁ ସମସ୍ତଙ୍କ ପ୍ରୟାସ ନିହାତି ଆବଶ୍ୟକ ବୋଲି କହିଛନ୍ତି।ପକ୍ଷୀ ବିଶାରଦ ମାନେ ପକ୍ଷୀ ଗଣନାକାରୀଙ୍କୁ ତାଲିମ ଦେଇଛନ୍ତି।ଉକ୍ତ ଶିବିରରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟି,ଓଡିଶା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ,ଜଙ୍ଗଲ ବିଭାଗ କର୍ମଚାରୀ,ଓୟୁଏଟି ଛାତ୍ରଛାତ୍ରୀ,ପକ୍ଷୀ ବିଶେଷଜ୍ଞ,ପକ୍ଷୀ ସୁରକ୍ଷା ସମିତି ସଦସ୍ୟଙ୍କ ସମେତ ୧୩୦ ଜଣ ଅଂଶ ଗ୍ରହଣ କରିଥିଲେ।ସକାଳ ୬ ରୁ ମଧ୍ୟାହ୍ନ ୧୨ ଘଟିକା ଯାଏଁ ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସାତପଡ଼ା,ରମ୍ଭା,ବାଲୁଗାଁ,ଟାଙ୍ଗୀ ଏବଂ ଚିଲିକା ରେଞ୍ଜରେ ୨୧ ଗୋଟି ଟିମ ପକ୍ଷୀ ଗଣନାରେ ନିୟୋଜିତ ରହିବେ ଏବଂ ପ୍ରତି ଟିମରେ ୬ ରୁ ୭ ଜଣ ଗଣନାକାରୀ ଯୋଗଦେବେ।ପ୍ରତି ଟିମରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜଣେ କର୍ମଚାରୀ ଗାଇଡ଼ କରିବାସହ ଗଣନା ପାଇଁ ଆବଶ୍ୟକ ମାନଚିତ୍ର,ଗନ୍ତବ୍ୟ ସ୍ଥଳ ଚିତ୍ର,ଜିପିଏସ,ବାଇନାକୁଲର,ସ୍ପୋଟିଂ ସ୍କୋପ,ଓ୍ୱାକିଟକି,ନୋଟ ବୁକ,ପକ୍ଷୀ ଚିହ୍ନଟ ନିମନ୍ତେ ଚିହ୍ନିତ ଚିତ୍ର ପ୍ରଭୃତି ଦିଆଯାଇଛି।ଏକକ,ବ୍ଲକ ଏବଂ ସର୍କଲ ପଦ୍ଧତିରେ ପକ୍ଷୀ ଗଣନା କରାଯିବ।ସନ୍ଧ୍ୟାରେ ସମସ୍ତ ଗଣନାକାରୀ ଟିମ ଆର୍ଦ୍ରଭୂମି ଅନୁସନ୍ଧାନ ଏବଂ ତାଲିମ କେନ୍ଦ୍ର (ସିଡିଏ) ଠାରେ ପହଞ୍ଚିବା ପରେ ଚିଲିକାରେ ପକ୍ଷୀ ସଂଖ୍ୟା ଓ ପ୍ରଜାତି ସମଷ୍ଟିକରଣ କରାଯାଇ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯିବା ନେଇ ଡ଼ିଏଫଓ ଅମ୍ଲାନ ନାୟକ କହିଛନ୍ତି।




## ମାଧବାନନ୍ଦଙ୍କ ଭୌମ ଏକଦେଶୀ ଉତ୍ସ୍ୱ ପାଇଁ ପ୍ରସ୍ତୁତି ବୈଠକ

ନିମାପଡା **୧୮/୧ (ନି.ପ୍ର):** ଚାରିଛକ ନିକଟସ୍ଥ ମାଧବ ମାଧବାନନ୍ଦ ଜୀଉ ଙ୍କ ମାଘ ମାସ ଭୌମ ଏକଦଶୀ ବାର୍ଷିକ ଉତ୍ସବ ପାଇଁ ମାଧବାନନ୍ଦ ଜୀଉ ଙ୍କ ବଂଶାନୁ କ୍ରମିକ ଟ୍ରଷ୍ଟି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଦ୍ୱେ ଗୋସ୍ୱାମୀ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଭାବେ ନିଆଳି ତହସିଲଦାର ଲିଲନ ସାହୁ ,ନିଆଳି ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ ଓ ନିଆଳି ଥାନା ଏଏସଆଇ ସଂଗ୍ରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ବୈଠକରେ ମାଧବାନନ୍ଦ ଜୀଉ ଙ୍କ ମାଘ ମାସ ଭୌମ ଏକଦଶୀ ରେ ହେବାକୁ ଥିବା ଉତ୍ସ୍ୱ ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ମନ୍ଦିର ର ମରାମତି ସହିତ ରଙ୍ଗ କାର୍ଯ୍ୟ , ଜୀଉ ଙ୍କ ନୀତି ପୂଜା ସହିତ ମନ୍ଦିର ର ବିଭିନ୍ନ ପୂଜା କାର୍ଯ୍ୟ ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ୧୨ ଜଣିଆ ଉପଦେଷ୍ଟା କମିଟି ଗଡାଯାଇଥିଲା ।କିଭଳି ଭାବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାରେ ଭୌମ ଏକାଦେଶୀ କାର୍ଯ୍ୟ ସମ୍ପାଦନ ହେବ ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା ।ଏହି ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଶ୍ୱକଲ୍ୟାଣ ପୁଷ୍ପାଳକ ସରପଞ୍ଚ ବାବୁରାମ ମଲ୍ଲିକ , ଭାସ୍କର ପୁଷ୍ପାଳକ ,ତ୍ରିଲୋଚନ ପୁଷ୍ପାଳକ ,ପୂର୍ଣ୍ଣ ଚନ୍ଦ୍ର ପୁଷ୍ପାଳକ ସହିତ ବରିଷ୍ଠ ସେବାୟକ ,ଯାଦବ ସେବାୟକ ଟ୍ରଷ୍ଟ ର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ବୈଠକକୁ ଟ୍ରଷ୍ଟ ର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ସାଧୁବାଦ ଜଣାଇଥିଲେ ।

## ୨୬ରେ ଶ୍ରୀ ଅଭିରାମ ପରମହଂସଙ୍କ ଜନ୍ମ ଜୟନ୍ତୀ



କଣାସ **୧୮/୧ (ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଶାନ୍ତି ଆନନ୍ଦ ଆଶ୍ରମ କରମଳା ଠାରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ୧୨୨ତମ ଜନ୍ମ ଜୟନ୍ତୀ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହେବାକୁ ଯାଉଛି ।ପ୍ରତି ବର୍ଷ ଭଳି ଚଳିତ ବର୍ଷ ଚାରି ଦିନ ଧରି ବିଭିନ୍ନ ଆଧାତ୍ମିକ ଯଥା ଭଜନ ସମାରୋହ,ପାଲା ପରିବେଷଣ,ଠାକୁର ଶ୍ରୀ ଅଭିରମଙ୍କର ଲୀଳା,ପ୍ରବଚନ ଓ ମହାଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏଥିରେ ରାଜ୍ୟ କୋଣ ଅନୁକୋଣରୁ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ସମାଗମ ହେବାର କାର୍ଯ୍ୟକ୍ରମ ରହିଛି ।ଏଥିପାଇଁ ଆଶ୍ରମ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବା ଜଣାପଡିଛି ।

## କମ୍ବଳ ବାଣ୍ଟିଲା ଜନ କଲ୍ୟାଣ ସେବା ଟ୍ରଷ୍ଟ

ଜଟଣୀ **୧୮/୧ (ନି.ପ୍ର):**ଜଟଣୀର ଅଗ୍ରଣୀ ତଥା ପୁରାତନ ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବାଟ୍ରଷ୍ଟ ଆନୁକୂଲ୍ୟରେ ୫୦ରୁ ଅଧିକ ଅସହାୟ ଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହିପରିପ୍ରେକ୍ଷିରେ ଟ୍ରଷ୍ଟର ଅଧ୍ୟକ୍ଷ ନବୀନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା କ୍ରମେ ମୁଖ୍ୟଅତିଥି ଭାବେ ଭଏସ ଅଫ୍ ମିଡିଆର ରାଜ୍ୟସଭାପତି ସାମ୍ବାଦିକ ପ୍ରଭାତ ମିଶ୍ର,ମୁଖ୍ୟ ବକ୍ତା ସମାଜସେବୀ ତ୍ରିଲୋଚନ ପ୍ରଧାନ,ଶୁଭ ଖବରର ସଂପାଦକ ଶୁଭଙ୍କର ମହାପାତ୍ର ,ଭଏସ ଅଫ ମିଡିଆର ଜିଲ୍ଲା ସଭାପତି ଧନେଶ୍ୱର ବିଧାର,ରାଜ୍ୟ ଉପସଭାପତି ଟି ବାଲାଜିପାତ୍ର ଙ୍କ ସହ ଶ୍ରୀ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ ।ଉପସଭାପତି ହରପ୍ରସାଦମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ସଂଗଠନ ସଂପାଦକ ଜିତେନ୍ଦ୍ର ନାୟକଙ୍କ ସମ୍ପାଦନା କ୍ରମେ ଅସହାୟ ଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।ଏହି ପରିପ୍ରେକ୍ଷିରେ ସମାଜସେବୀ ତଥା ଅଧ୍ୟାପକ ଡ.ସୁଶାନ୍ତ ରାଉତ,ସାମ୍ବାଦିକ ଧୀରେନ ପ୍ରତିହାରୀ,ସମାଜସେବିକା ସାବିତ୍ରୀ ରେଡ଼ି,ଶ୍ରଦ୍ଧାକିନ୍ନର , ଶିଶୁ ଶିଳ୍ପୀ ଶୁଭମ୍ ପରମାଣିକ ଙ୍କୁ ଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ଟ୍ରଷ୍ଟର ସଦସ୍ୟ ବିଭୁ ମହାନ୍ତି,ସଞ୍ଜୟଜେନା,ପଦ୍ମଚରଣ ପରମାଣିକ,ନୀଲୁପଟ୍ଟନାୟକ,ମହେଶ୍ୱର ସାହୁ,ମାନସରଥ ,ସାମ୍ବାଦିକ ବେଣୁଧର ବରାଳ,ଏମ୍ ଡି ସାଜନ୍ ସହୋଯୋଗ କରିଥିଲେ । ଶେଷରେ ସଂଯୋଜିକା ସନ୍ଧ୍ୟାରାଣୀ ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ ।ଗତବର୍ଷ ପରି ଚଳିତ ବର୍ଷମଧ୍ୟ ଅସହାୟଙ୍କୁ ଏକହଜାରରୁ ଉର୍ଦ୍ଧ କମ୍ବଳ ବଣ୍ଟାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାପାତ୍ର ମତ ରଖିଥିଲେ ।

## ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ

ବେଲଗୁଣ୍ଠା **୧୮/୧ (ନି.ପ୍ର):** ବେଲଗୁଣ୍ଠା ବ୍ଲକ୍ ଗୋବରା ସ୍ଥିତ ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଗତ ୧୦ଦିନ ଧରି ଚାଲିଥିବା ବେଳେ ଆଜି ସମାପ୍ତି ହେଇଛି । ଅନୁଷ୍ଠାନ ଅଧକ୍ଷା ମାମା ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଶିକ୍ଷାବିତ୍ କୁଞ୍ଜବିହାରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ସବର ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ବିଶ୍ୱାଳ, ଅଧାପିକା ନଳିନୀ ପ୍ରଭା ଦାସ,ସୁଚେତା କୁମାରୀ ସ୍ୱାଇଁ ,ସୁଧୀରା କୁମାରୀ ମହାପାତ୍ର ଉପସ୍ଥିତ ଥିଲେ ଓ ପ୍ରଶିକ୍ଷିକା ଅର୍ଚ୍ଚନା ବିଶ୍ୱାଳ, ସୁନିତା ରାଣୀ ସେଠି ପ୍ରମୁଖ ଶିବିରାର୍ଥୀମାନେ ଉକ୍ତ ଶିକ୍ଷାକୁ ଆବଶ୍ୟକ ସ୍ଥଳେ ଦୃଢତାର ସହ ଉପଯୋଗ କରି ନିଜକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଶିବିରାର୍ଥୀମାନେ ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହ କେତେକ ତାଲିମ କୌଶଳ ଗୁଡିକ ଅତିଥିମାନଙ୍କ ଆଗରେ ପ୍ରଦର୍ଶନ କରିଥିଲେ। ତାଲିମପ୍ରାପ୍ତ ଶିବିରାର୍ଥୀମାନଙ୍କୁ ତାଙ୍କର ସଫଳ ତାଲିମ ପାଇଁ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସା ପାତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କର୍ମଚାରୀ ନଳିନୀ ଜେନା, ଅଞ୍ଜଳି ପାତ୍ରଙ୍କ ସମେତ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅରକ୍ଷିତଙ୍କୁ ଶିକ୍ଷିତ ଅଡୁଆ: ଦ୍ୱାର ମୁହଁରେ ଜିଲ୍ଲା ପ୍ରଶାସନ



ବୌଦ୍ଧ, ୧୮/୧(ନି.ପ୍ର): ଆଜିକା ଆଧୁନିକତା ଯୁଗ ରେ କେତେକ ଘଟଣା, ଦୃଶ୍ୟ ମାନବ ସମାଜ କୁ ବେଳେ ବେଳେ ଚକିତ କରିଥାଏ । ତାର ବାସ୍ତବ ଘଟଣା ଜାଣିଲେ ବି ସାଧାରଣ ରେ ମିଛ ସଦୃଶ ଲାଗିଥାଏ । ପ୍ରକାଶ ଥାଉକି ଆଠ ବର୍ଷ ପୂର୍ବେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ସଦର ମହକୁମା ଠୁ ମାତ୍ର ଏକ କିଲୋମିଟର ଦୂରରେ ସିଙ୍ଗାଣିବିଡା ଗ୍ରାମର ଅରକ୍ଷିତ ପ୍ରଧାନ । ଅରକ୍ଷିତ ଙ୍କ ପରିବାର କହିଲେ କେବଳ ତାଙ୍କ ସ୍ୱାମୀ ସ୍ତ୍ରୀ ନୁହେଁ ତାଙ୍କୁ ମିଶାଇ ସଂଖ୍ୟା ବାର ଜଣ । ଅର୍ଥାତ ଅରକ୍ଷିତ ଙ୍କ ଗୋଟିଏ କି ଦୁଇଟି ନୁହେଁ ୧୦ ଜଣ ପୁଅ ଝିଅ । ଯେଉଁଟା କି ପୁଅ ୭ଜଣ, ଝିଅ ୩ଜଣ । ସେହି ସମୟରେ ଅରକ୍ଷିତ ଜଣେ ଅସହାୟ, ଗରିବ ଶ୍ରେଣୀ ର ଥିବାରୁ ୧୨ ପ୍ରାଣୀ କୁଟୁମ୍ବ ଧରି ଚଳିବାକଷ୍ଟକର ହୋଇପଡ଼ିଥିଲା । ବେଳେ ଖାଇଲେ ଓଳିଏ ଉପାସ, ଶୀତ କାକର ରେ ଖୋଲା ଆକାଶ ରେ ବିତୁଥିଲା ଦିନ । ଏଭଳି ଦୁଃଖଦ ଘଟଣା ଦେଖି ଖୋଦ ନିଜେ ବ୍ଲକ ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ଅସହାୟ ପରିବାର ଙ୍କୁ ଆବାସ ଗୃହ ନିଜେ ନିର୍ମାଣ କରି ହସ୍ତାନ୍ତର, ରାସନ କାର୍ଡ, ସ୍ୱାସ୍ଥ୍ୟ ବୀମା ସହିତ ଦୁଇ ବଡ଼ ଝିଅ ବନିତା ପ୍ରଧାନ ଓ କବିତା ପ୍ରଧାନ ଙ୍କୁ ବିରନରସିଂପୁର ବାଳାଶ୍ରମ ରେ ଶିକ୍ଷା ଯୋଗାଇବା, ସରକାରୀ ସ୍ତରରୁ ୪ଡେସିମିଲ ଜାଗା ପ୍ରଦାନ କରିବା ଆଦି ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଗଣ ମାଧ୍ୟମରେ ଅସହାୟ ଅରକ୍ଷିତ ଙ୍କୁ କଥା ପ୍ରକାଶ ପାଇବା ପରେ ବୌଦ୍ଧ ଜିଲ୍ଲା ପାଳ ସୁବ୍ରତ କୁମାର ପଣ୍ଡା ଙ୍କ ନିର୍ଦ୍ଦେଶ ରେ ଏକ ସ୍ୱତନ୍ତ୍ର ପ୍ରାସନିକ ଟିମ ଘଟଣା ସ୍ଥଳକୁ ଯାଇ ସତ୍ୟା ସତ୍ୟ ପରଖି ଥିଲେ । ଘଟଣା ସ୍ଥଳରୁ ଜଣା ଗଲା ଯେ ୧୦ଜଣ ଛୁଆ ଙ୍କ ମଧ୍ୟରୁ ପ୍ରଶାସନ ଥଇଥାନରେ ଦୁଇ ଝିଅଙ୍କୁ ପାଠ ପଢାଯିବା ସହ ଆଇଟିଆଇ ପରେ ଭୁବନେଶ୍ୱର ଏକ ସଂସ୍ଥା ରେ କାମ କରୁଥିବା ଜଣାପଡ଼ିଛି ଏବଂ ଅନ୍ୟ ୬ଜଣ ଛୁଆ ମାନଙ୍କୁ ସ୍କୁଲ ରେ ନାମ ଲେଖା ଯାଇଥିବା ବେଳେ ଦୁଇଜଣ ଙ୍କୁ ଅଙ୍ଗନବାଡି ରେ ନାମ ଲେଖା ହୋଇଛି ! ମଦ୍ୟପ ଅରକ୍ଷିତ ବାରଣ ରେ ନା ୭ ଛୁଆ ଯାଉଛନ୍ତି ସ୍କୁଲ, ଅଙ୍ଗନ ବାଡ଼ି,ସବୁ ବ୍ୟବସ୍ଥା ହୋଇଥିଲେ ମଧ ଅରକ୍ଷିତ ନିଜେ ଅଶିକ୍ଷିତ ଓ ଖୋର ମଦ୍ୟପ ସକାଶେ ନିଜର ଜନ୍ମିତ ପୁଅ ଝିଅ ଙ୍କୁ ଅଶିକ୍ଷିତ କରିବା, ଛୋଟ ଛୋଟ କୋମଳମତି ପୁଅ ଙ୍କୁ ପ୍ରତିଦିନ ମଦ, ତମାଖୁ, ଖୁଆଇବା ସହିତ ଆଖ ପାଖ ରେ ରୁ ଚୋରି କରିବା ପ୍ରବର୍ତ୍ତାଉ ଥିବା, ଗ୍ରାମ ବାସୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ ଟେକା ପଥର ମାରିବା, ବଡ଼ ବଢିଲା ଶିକ୍ଷିତ ଝିଅଙ୍କୁ କୁ ବ୍ୟବହାର ସହିତ ମାଡ଼ କରିବା ଏପରିକି ପରିବାର କୁ ଗତ ଦୁଇଦିନ ତଳେ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ କରିଥିଲା । ଯାହାକି ଗ୍ରାମବାସୀ ଅଟକାଇ ଥିଲେ । ସ୍ୱତନ୍ତ୍ର ଟିମ ରେ ଯାଇଥିବା ଉପ ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ବିଡ଼ିଓ ହରଭଙ୍ଗ । ସରତ ସେଠି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଆଢ଼େନିଗଡ଼ ସ୍ୱାସ୍ଥ୍ୟ ବିଭାଗ, ଜରୁରୀ କାଳୀନ ଅଧିକାରୀ, ଅତିରିକ୍ତ ତହସିଲଦାର ସମ୍ପିତସାମଲ, ଓ ଅନ୍ୟ ଅଧିକାରୀ ଜାଣି ସାରିବା ପରେ ଗ୍ରାମବାସୀ, ୱାର୍ଡ ମେମ୍ବର ଙ୍କ ଉପସ୍ଥିତ ରେ ଅରକ୍ଷିତ ମଦ୍ୟପ ସହିତ, ପିଲା ଛୁଆ ଙ୍କୁ କୁ ସଂସାର, ଗ୍ରାମବାସୀଙ୍କୁ ଗାଳିଗୁଲଜ, ବଢିଲା ଝିଅ ଙ୍କୁ ମାଡ଼ ସହିତ ଦୁର୍ବ୍ୟବହାର, କୋମଳମତି ପୁଅ ଙ୍କୁ କୁ ଶିକ୍ଷା ଓ ପ୍ରଶାସନ କୁ ନିନ୍ଦା ଦେଉଥିବା ପଞ୍ଚନାମା କରିଥିଲେ । ଅନ୍ୟ ପଟେ ବଡ଼ ଝିଅ ବନିତା ସିଲେଇ ତାଲିମ ପ୍ରାପ୍ତ ସହିତ ଉଚ୍ଚ ଶିକ୍ଷିତା ହୋଇ ମଦ୍ୟପ ବାପ ଠୁ ପ୍ରତିଦିନ ଯନ୍ତ୍ରଣା ପାଉଥିବାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଖୁବ ଶୀଘ୍ର ଆତ୍ମ ନିର୍ଭର ସିଳ ହେବା ପାଇଁ ଏକ ସିଲେଇ ମେସିନ ସହିତ ସରଞ୍ଜାମ ଯୋଗାଇ ଦେବାକୁ ପ୍ରତିଶୃତି ଓ ସଂକଳ୍ପ ବଦ୍ଧ ହୋଇଛି ।

# ସମସ୍ୟା ଘେରରେ ଅଙ୍ଗନବାଡ଼ି କେନ୍ଦ୍ର



ହାଟଡିହି୧୮/୧(ନି.ପ୍ର): ରାଜ୍ୟ ଖାଦ୍ୟ କମିଶନର ସଦସ୍ୟ ଙ୍କ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଗସ୍ତ ଖୋଲିଲା ଦେଲା ଅଙ୍ଗନୱାଡ଼ି କେନ୍ଦ୍ର ର ସମସ୍ୟା । ଅଙ୍ଗନୱାଡ଼ି ର ସମସ୍ୟା ଖାଦ୍ୟ କମିଶନର ଜାଣିଲେ କିନ୍ତୁ ସିଡ଼ିପିଓ ଜାଣି ପାରିଲେ ନାହିଁ କେମିତି । ଅଙ୍ଗନୱାଡ଼ି ଦିଦି ଓ ସିଡ଼ିପିଓ ଙ୍କ ମଧୁଚନ୍ଦ୍ରିକା ରେ ଚାପି ହେଇଯାଉଛି କୁନି କୁନି ପିଲାଙ୍କ ଭବିଷ୍ୟତ । ଆଜିର ଶିଶୁ ଆସନ୍ତାକାଲି ଦେଶର ଭବିଷ୍ୟତ ।ସେହି ଭବିଷ୍ୟତ ଆଜି ଅନ୍ଧକାର ବଳୟର ଗାଢ଼ ପରିଧି ମଧ୍ୟରେ ବନ୍ଦୀ ହୋଇ ଯାଇଛି ।ଅପେକ୍ଷା କରିଛି ସେହି ଉଜ୍ଜ୍ୱଳ କିରଣ ର ଉଦ୍ଭାସିତ ମୁହୂର୍ତ୍ତକୁ ।ଯେଉଁ ମୁହୂର୍ତ୍ତ ନୂଆ ଏକ ଦିଗବଳୟରେ ଆଶାର ଆଲୋକକୁ ଆଲୋକିତ ଏବଂ ସଞ୍ଚାରିତ କରିବ । ସିଡ଼ିପିଓ ଙ୍କ ଅବହେଳା ପାଇଁ ମଣିଷ ଗଢା କାରଖାନା ଆଜି ଅବହେଳିତ ହୋଇ ଅନ୍ଧକାର ମଧ୍ୟରେ ପଡ଼ିରହିଛି ।କେଉଁ ଅଙ୍ଗନୱାଡ଼ି ରେ ଓଜନ ମେସିନ ଖରାପ ତ କେଉଁଠି ପୋଷଣ ଟ୍ରାକ ଆପ ଚଳାଇ ପାରୁନାହାନ୍ତି ଅଙ୍ଗନୱାଡ଼ି ଦିଦି । ସିଡିପିଓ ଙ୍କ ର ମଧ୍ୟ କୌଣସି ଦିନ ପଡ଼ି ନାହିଁ ଏହି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଦ । ଯେଉଁ ଦିଦି ପୋଷଣ ଟ୍ରାକ ଆପ ଚଳାଇ ପାରୁନାହାନ୍ତି ସେ କିପରି କୁନି କୁନି ଛୁଆଙ୍କ ଭବିଷ୍ୟତ ଗଢିବେ ତାହା ନେଇ ଉଠୁଛି ପ୍ରଶ୍ନ ? ସମସ୍ୟା ଘେରରେ ଅନେକ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ଅଧିକାଂଶ କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ସହିତ ମିଳୁନି ସକାଳ ର ଜଳଖିଆ ।କେବେ ପଡ଼ିବ ଏହି ମଣିଷ ଗଢା ଅନୁଷ୍ଠାନଗୁଡ଼ିକ ପ୍ରତି ଜିଲ୍ଲାପ୍ରଶାସନ ର ଦୃଷ୍ଟି ଅପେକ୍ଷାରେ ଅଙ୍ଗନୱାଡ଼ି କେନ୍ଦ୍ର ।

# ମା ସାଆଁଳାଶୁଣିଙ୍କ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

କୋରେଇ, ୧୮/୧(ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମ ପଞ୍ଚାୟତ ର କଣ୍ଟାବଣିଆ ଗ୍ରାମ ବୈତରଣୀ ନଦୀ ଆବବାହିକା ରେ ଅବସ୍ଥିତ ଯାଜପୁର ଜିଲ୍ଲାର ସର୍ବ ପୁରାତନ ପ୍ରସିଦ୍ଧ ମା ସାଆଁଳାଶୁଣିଙ୍କ ବାର୍ଷିକ ଉତ୍ସବ ଓ ମହୋତ୍ସବ ଏବଂ ମେଳା ମହା ସମାରୋହ ରେ ପାଳନ ପାଇଁ ଆଜି କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ମା ଙ୍କ ପୀଠ ରେ ଆୟୋଜିତ ହୋଇଯାଇଛି । ମା ଙ୍କ ଏହି ଉତ୍ସବ ଚଳିତ ମାସ ମକର ସଂକ୍ରାନ୍ତି ୧୪ ତାରିଖ ରୁ ୨୬ ତାରିଖ ଯାଏ ପାଳନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି ।ଏହି ୧୨ ଦିନ ବ୍ୟାପୀ ଉତ୍ସବ ରେ ବିଭିନ୍ନ ପ୍ରକାର ସାଂସ୍କୃତିକ ନୃତ୍ୟ,ସଙ୍ଗୀତ, ଅପେରା,ମିନା ବଜାର,ରାମ ଦୋଳି ଭଳି ଅନେକ କାର୍ଯ୍ୟକ୍ରମ ରହିଥିବା କମିଟିର ସଦସ୍ୟ ମାନେ ସୂଚନା ଦେଇଛନ୍ତି ।ବିଶେଷ କରି ମହୋତ୍ସବ ର ଓଡିଶା ମଣ୍ଟୁ ଛୁରିଆ, ଅସୀମା ପଣ୍ଡା, ହ୍ୱିଉମାନ ସାଗର ଆଦି ଲବ୍ଧ ପ୍ରତିଷ୍ଠିତ କଳାକାର ମାନଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ହେବା ସହିତ ବିଧାୟକ, ମନ୍ତ୍ରୀ ଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।ଆଜିର ସମ୍ମିଳନୀରେ ଜିଲ୍ଲା ପୋଲିସ୍ ,ସାମ୍ବାଦିକ ,ବୁଦ୍ଧିଜୀବୀ,ସାଆଁଳାଶୁଣି କମିଟି ଓ ସ୍ଥାନୀୟ ଅଧିବାସୀଙ୍କ ମିଳିତ ଆଲୋଚନା ରେ ହଜାର ହଜାର ଶ୍ରଦ୍ଧାଳୁ ମାନେ କିପରି ସୁବିଧାରେ ଆସି ମା ଙ୍କୁ ଦର୍ଶନ କରିବା ଶହ ମହୋତ୍ସବ ର ଆନନ୍ଦ ଉଠାଇ ପାରିବେ ସେ ବିଷୟରେ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ରଖିଥିଲେ ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପୋଲିସ ର ଅତିରିକ୍ତ ଆରକ୍ଷୀ ଅଧିକ୍ଷ୍ୟକ ପୁଷ୍ପ ଲତା ବାରିକ, କୋରେଇ ଥାନାରୁ ସବ ଇନ୍ସପେକ୍ଟର ବାସୁଦେବ ପରିଡା ଓ କମିଟି ର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ



ଛତ୍ରପୁର, ୧୮/୧(ନି.ପ୍ର): ସ୍ଥାନୀୟ ଅନଶ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ସଭାପତି ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ଼. ଅଜୟ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଛତ୍ରପୁର ଶ୍ରୀରାମନଗର ସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଭାବେ ଅନଶ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତ୍ରପୁର ଓକିଲ ସଙ୍ଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ବିଶିଷ୍ଟ ଆଇନଯିବି ପଦ୍ମ ଚରଣ ସାହୁ, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀର ଅଧକ୍ଷ ଡ଼. ରାଜେନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଗୁଣ ଗାନ କରିଥିଲେ । ଏହି ଅବସରରେ ସମସ୍ତେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନଶ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ ।

# ବଡଯୋଡ ପାଣିପଞ୍ଚାୟତ କମିଟି ବୈଠକ

## ଅବହେଳିତ ବଡଯୋଡ ବନ୍ଧର ପୁନଃରୁଦ୍ଧାର କରାଯିବ




ବାରିପଦା ୧୮/୧(ନି.ପ୍ର):ବାରିପଦା ସଦର ବ୍ଲକ ଅନ୍ତର୍ଗତ ବଡଯୋଡ ଠାରେ ରହିଛି ରଜାରାଜୁଡା ଅମଳରୁ ନିର୍ମିତ ଏକ ପୁରାତନ ବନ୍ଧ. ପୂର୍ବରୁ ଏହି ବନ୍ଧର କେନାଲ ପାଣିରେ ବାରିପଦା ବ୍ଲକ ଓ ବେତନଟୀ ବ୍ଲକର ଅନେକ ଅଞ୍ଚଳରେ ରବିଫସଲ ଚାଷ ହେଉଥିଲା. ବନ୍ଧର ବିସ୍ତିର୍ଣ୍ଣ ଅଞ୍ଚଳ ଜଳାର୍ଣ୍ଣବ ହୋଇରହିଥିବା କାରଣରୁ ଏଠାକୁ ଅନେକ ପର୍ଯ୍ୟଟକ ଆସୁଥିଲେ ଏବଂ ବଣଭୋଜିର ମଧ୍ୟ ଆୟୋଜନ କରୁଥିଲେ. ଶୀତଦିନେ ଏଠାରେ ବିଦେଶୀ ପକ୍ଷୀଙ୍କ ମଧ୍ୟ ସାମାଗମ ଦେଖିବାକୁ ମିଳୁଥିଲା ଏବଂ ଏହି ବନ୍ଧରେ ବ୍ୟାପକ ମାଛଚାଷ ମଧ୍ୟ ହେଉଥିଲା. ହେଲେ ସରକାରଙ୍କ ଉଦାସୀନତା କାରଣରୁ ବହୁ ପୁରାତନ ଏହି ବନ୍ଧର ପୁନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟ ହୋଇ ପାରି ନାହିଁ. ଆଜି ବଡଯୋଡ ବନ୍ଧ ନିକଟରେ ବଡଯୋଡ ପାଣିପଞ୍ଚାୟତ ଶିର୍ଷ କମିଟି ବୈଠକ ପାଣି ପଞ୍ଚାୟତର କର୍ମକର୍ତ୍ତା କାଳି ଚରଣ ନାଏକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି. ଏହି ବୈଠକରେ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ଏହାର ପୁନରୁଦ୍ଧାର ଓ ଉନ୍ନତିକରଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ପାଣିପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ. ଆଗାମୀ ଦିନରେ ଏ ଅଞ୍ଚଳକୁ ଏକ ବିକଶିତ ଅଞ୍ଚଳରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବ ବୋଲି ଉଭୟ ବିଧାୟକ ଏହି ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି. ବୈଠକରେ ପାଣି ପଞ୍ଚାୟତର ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ସହ ସ୍ଥାନୀୟ ଅଧିବାସୀ ମାନେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ଅଭିଭାବକ -ଶିକ୍ଷକ ଦିବସ ପାଳିତ



ଚିକିଟୀ, ୧୮/୧(ନି.ପ୍ର):ବ୍ଲକର ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ -ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ଅପାର ଆଇଡ଼ି, ପରୀକ୍ଷା ପେ ଚର୍ଚ୍ଚା, ଆଗାମୀ ମାଟ୍ରିକ ପରୀକ୍ଷାରେ ବିଦ୍ୟକ୍ଷର୍ଥୀଙ୍କୁ ଚିନ୍ତାମୁକ୍ତ କରିବା ପାଇଁ ଅଭିଭାବକ ଙ୍କୁ କି କି ପଦକ୍ଷେପ ନେବାକୁ ପଡିବ ସେ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଧାନଘର ସ୍ଥିତ ଉଚ୍ଚ ବିଦ୍ୟାଳୟରେ ମଧ ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ଦିବସ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବରୁ ଶକ୍ତି ସଂରକ୍ଷଣ ଉପରେ ଆୟୋଜିତ ହୋଇଥିବା ବକ୍ତୃତା, ରଚନା, କୁଇଜ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ସମୀର ପ୍ରଧାନ, ଶ୍ରୀୟା ସାହୁ, ସୁଦାମ ପ୍ରଧାନ, ଆକାଶ ଗୌଡ଼, ଜଗନ ଜ୍ୟୋତି ପଟ୍ଟନାୟକ ଓ ଜଗଦୀଶ ସେଠୀ ଙ୍କୁ ଅଭିଭାବକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ପ୍ରମୋଦ କୁମାର ବୈଦ୍ୟ, ଫକୀର ମୋହନ ବିଷୋୟୀ, ବୈକୁଣ୍ଠ ନାଥ ସାହୁ, ବୈକୁଣ୍ଠ ନାଥ ପାଢ଼ୀ, ସୁଶାନ୍ତ କୁମାର ପଟ୍ଟନାୟକ, ସିମାଞ୍ଚଳ ଗୌଡ଼, କର୍ମଚାରୀ ବୃନ୍ଦାବନ ବିଷୋୟୀ ଓ ମଧୁସୂଦନ ପାଗଡା ପ୍ରମୁଖ କାର୍ଯ୍ୟକ୍ରମର ସଂଚାଳନକ୍ଷ କରି ସହଯୋଗ କରିଥିଲେ ।

# ଟ୍ରକ ବାଇକ୍ ମୁହାଁମୁହିଁ ତିନି ଗୁରୁତର

ଫିରିଙ୍ଗିଆ, ୧୮/୧(ନି.ପ୍ର): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫିରିଙ୍ଗିଆ ବ୍ଲକର ଗୋଛାପଡା ଥାନା ଅଞ୍ଚଳ ରେ ଗତକାଲି ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି ।ଏହା ଫଳରେ ତିନି ଜଣ ବାଇକ୍ ଆରୋହୀଙ୍କର ଗୋଡ଼ କଟି ଯାଇଛି । ସୂଚନା ପ୍ରକାରେ ଗତକାଲି ୧ଘ,୩୦ମି, ବେଳେ ଗୋଛାପଡା ଥାନା ଅର୍ନ୍ତଗତ ବନ୍ଧୁଲିଗ୍ରାମର ବାଲୁ କହଁର,ଜତି କହଁର ଓଜରିନ୍ଦ୍ର କହଁର ଖୋଛାପଡା କୁ ଏକ ବାଇକ୍ ରେ ଯାଉଥିଲେ ।ଗୋଛାପଡା ବନ୍ଧୁଲି ରାସ୍ତା ଆକାପଡା ନିକଟ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ଓ,ଡି,୨୩ଆର୍ ୧୨୫୩ ହଠାତ୍ ଧକ୍କା ଦେଲା । ବାଇକ୍ ଆରୋହି ତିନିଜଣ ଟ୍ରକର ଡାହାଣ ଆଗ ଚକା ରେ ପଡି ତିନି ଜଣ ଙ୍କର ଗୋଡ଼ କଟି ଯାଇଛି । କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ପୀଡ଼ିତଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଗୋଛାପଡା ଡାକ୍ତର ଖାନାରେ ପହଞ୍ଚାଇ ଥିଲେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ରୁ ସେମାନଙ୍କୁ କନ୍ଧମାଳ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ମାନସ କହଁରଙ୍କ ଏତେଲା ପ୍ରକାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା କହିଛନ୍ତି ।

# ଏମକେସି ହାଇସ୍କୁଲର ବାର୍ଷିକ ଉତ୍ସବ

## ସିଲାବସ ଶିକ୍ଷା ସହିତ ପିଲାଙ୍କ ଲୁପ୍ତ ପ୍ରତିଭାର ବିକାଶ ହେବା ଜରୁରୀ




ବାରିପଦା ୧୮/୧(ନି.ପ୍ର):କୀର୍ତ୍ତି ରାଜି ଭରା ଗୌରବମୟ ଶତାୟୁ ଶିକ୍ଷାନୁଷ୍ଠାନ ଏମକେସି ହାଇସ୍କୁଲର ବର୍ଷିକ ଉତ୍ସବ ସାଫଲ୍ୟ ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ପାଳିତ ହୋଇ ଯାଇଛି. ସମାରୋହରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଶେଷ ଅତିଥି ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ସମ୍ମାନିତ ଅତିଥି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପୁର୍ଣ୍ଣେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ସିଲାବସ ଶିକ୍ଷା ସହିତ ପିଲାଙ୍କ ଲୁପ୍ତ ପ୍ରତିଭାର ବିକାଶ ହେବା ଜରୁରୀ ବୋଲି କହିଥିଲେ. ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ ଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷୟତ୍ରୀ ଗାୟତ୍ରୀ ପୃଷ୍ଟି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ. ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁ ବର୍ଷିକ ବିବରଣୀ ପାଠ କରି ଥିବା ବେଳେ, ସଭାପତି ପୂର୍ଣ୍ଣେନ୍ଦୁ ଦାସ ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତିକରଣ ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ. ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ଦ୍ୱାରା ପ୍ରଦତ୍ତ ଅନୀତା ଷଡ଼ଙ୍ଗୀ ମେମୋରିଆଲ ଭଞ୍ଜଭୂମି ପୁରସ୍କାର, ନୀଳଚକ୍ର ପୁରସ୍କାର, ଭାସ୍କର ଗୌରବ ପୁରସ୍କାର ଓ ବିଜ୍ଞାନ ପ୍ରତିଭା ପୁରସ୍କାର ପ୍ରଦାନ କରାଯିବା ସହ ବିଶିଷ୍ଟ ବଦାନ୍ୟ ଓ ବୁଦ୍ଧିଜୀବି ବ୍ୟକ୍ତି ମାନଙ୍କ ଦ୍ୱାରା ବିଦ୍ୟାଳୟକୁ ଅନୁଦାନ ଅର୍ଥ ରାଶି ପ୍ରଦାନ ଦ୍ୱାରା ନିର୍ଦ୍ଧାରିତ ହୋଇ ଥିବା ବାବୁଲାଲ ଅଗ୍ରୱାଲ ସ୍ମୃତି ପୁରସ୍କାର, ମାହେଶ୍ୱରୀ ସ୍ମୃତି ପୁରସ୍କାର, 'ଅମିତାଭ ବେହେରା ସ୍ମୃତି ପୁରସ୍କାର, ବିଷ୍ଣୁ ଚରଣ ମହାନ୍ତି ସ୍ମୃତି ପୁରସ୍କାର, ଓ କମଳା କାନ୍ତ ସ୍ମାରକୀ ପୁରସ୍କାର ପ୍ରଦାନ କରା ଯାଇଥିଲା. ସେହିପରି ବିଦ୍ୟାଳୟ ତରଫରୁ ନୃତ୍ୟ କଳାରେ ଶ୍ରେଷ୍ଠ ଛାତ୍ରୀଙ୍କୁ ମୟୁରୀ ପୁରସ୍କାର, ଯୋଗ କ୍ୟାରେଟେରେ ପାରଦର୍ଶିତା ହାସଲ କରିଥିବା ୫ ଜଣଙ୍କୁ କ୍ରୀଡାଙ୍ଗନା ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସବ ଜୁନିଅର, ଜୁନିଅର, ସବ ସିନିଅର ସିନିଅର ବର୍ଗର ୮ ଜଣ ଏଥଲେଟିକ ଚମ୍ପିୟାନ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା. ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ, ଶାନ୍ତନୁ କୁମାର ଦାସ, ବୁଧିରାମ ସିଂହ, ପୁଷ୍ପଲତା ସାହୁ, ଗାୟତ୍ରୀ ବେହେରା, ସୋନାଲି ପରିଡା, ଜଗନ୍ନାଥ ସୁତାର, ଗାୟତ୍ରୀ ବେହେରା, ଫାରା ସୁରୁ, ପ୍ରବୀଣ ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସମ୍ପାଦକ ରଞ୍ଜନ ବାନାର୍ଜୀ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଶାନ୍ତନୁ ପାଢ଼ୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତଶ ଦାସ, ହରିଶ ଷଡ଼ଙ୍ଗୀ ପ୍ରମୁଖ ସକ୍ରିୟ ଭାବେ ସହୋଯୋଗ କରି ଥିଲେ. ଶେଷରେ ବରିଷ୍ଠ ଶିକ୍ଷକ ରାଜୀବ ଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ବାଲି ଘାଟ ବନ୍ଦ କଲେ ସାଲେଭରଟ ଗ୍ରାମବାସୀ

- ନିୟମ କାନୁନ ନ ମାନି ରାତିଦିନ ହେଉଥିଲା ଚାଲାଣ
- ବାଲି ବୋଝେଇ ହାଇୱା ଚାଲିବା ଯୋଗୁ ରାସ୍ତା ଘାଟ ହେଉଥିଲା ବର୍ବାଦ
- ଅଣନିଶ୍ୱାସୀ ହେଇପଡୁଥିଲେ ଗ୍ରାମବାସୀ



ବଙ୍ଗୋମୁଣ୍ଡା, ୧୮/୧(ନି.ପ୍ର): :ବେଆଇନ ବାଲି ଚାଲାଣ କୁ ନେଇ ବିରୋଧ କରି ବାଲିଘାଟ ବନ୍ଦ କଲେ ଗ୍ରାମବାସୀ । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସାଲେଭରଟ ଉଦେର ନଦୀ ବାଲିଘାଟରୁ ପ୍ରତିଦିନ ସହ ସହ ମାତ୍ରାରେ ହାଇୱା ଯୋଗେ ହେଉଥିବା ବାଲି ଚାଲାଣ କୁ ନେଇ ଶୁକ୍ରବାର ଦିନ ସାଲେଭରଟ ଗ୍ରାମବାସୀ ବିରୋଧ କରିବା ସହ ସାଲେଭରଟ ଘାଟକୁ ଖୁଣ୍ଟା ଏବଂ ଗଛ ଦେଇ ସମ୍ପୂର୍ଣ୍ଣ ବନ୍ଦ କରି ସବୁଦିନ ପାଇଁ ବେଆଇନ ବାଲି ଚାଲାଣ ଘାଟରୁ ବନ୍ଦ କରାଯାଇଛି ବୋଲି ଏନେଇ ଗଣମାଧ୍ୟମ କୁ ଜଣାଇଛନ୍ତି । ତେବେ ବାରମ୍ବାର ଗ୍ରାମବାସୀ ବାଲି ମାଫିଆ କୁ ବାଲି ଉଠାଇବା ପାଇଁ ମନା କରିବା ସତ୍ତ୍ୱେ ମଧ ଗ୍ରାମବାସୀ ଙ୍କ କଥା ନଶୁଣିବାରୁ ଶୁକ୍ରବାର ଦିନ ସାଲେଭରଟ ଗ୍ରାମବାସି ଏଭଳି ପଦକ୍ଷେପ ନେଇ ଥିବା କହିଛନ୍ତି । ବେଆଇନ ମାଫିଆ ଘାଟରୁ ରାତି ଦିନ ସହ ସହ ମାତ୍ରାରେ ଜେସିବି ସାହାଯ୍ୟରେ ହାଇୱା ରେ ବେଆଇନ ବାଲି ଚାଲାଣ କରୁଥିବା କହିଛନ୍ତି । ବାଲି ଉଠାଇବା ପାଇଁ ସରକାରୀ ଗାଇଡ଼ଲାଇନ ରହିଥିବା ବେଳେ କୌଣସି ନିୟମ କାନୁନ କୁ ନମାନି ମାଫିଆ ସାଲେଭରଟ ଉଦେରନଦୀ ଘାଟରୁ ଚାରିଆଡେ ବୁଲି ବୁଲି ଯେଉଁଠି ପାଇଲା ସେଇଠୁ ବାଲି ଜେସିବି ସାହାଯ୍ୟରେ ଉଠାଇ ରାତିଦିନ ବାହାର କୁ ଚାଲାଣ କରୁଥିବା ସାଲେଭରଟ ଗ୍ରାମବାସୀ କହୁଛନ୍ତି । ଘାଟରୁ ରାତି ଦିନ ବାଲି ହାଇୱା ଯୋଗେ ଯାଉଥିବା ଯୋଗୁ ରାସ୍ତା ଘାଟ ସମ୍ପୂର୍ଣ୍ଣ ବର୍ବାଦ ହେବା ସହ ଚାଷ କୁ ମଧ୍ୟ କ୍ଷୟ କ୍ଷତି କରୁଥିବା ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସହ ଗ୍ରାମବାସୀ ଅଣ ନିଶ୍ୱାସୀ ହେଇପଡୁଥିବାରୁ ବାଲି ଘାଟ କୁ ବନ୍ଦ କରାଯାଇଛି ବୋଲି କହିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ